ସମୟ

୨୦ ସେପ୍ଟେମ୍ବର ୨୦୨୬ ରବିବାର

# ପ୍ରିୟ ପରବ







**ଓଡ଼ିଶାରେ ଏକ ଲୋକକଥା ପ୍ରଚଳିତ ହୋଇଥାଏ ଏଠାରେ ବାରମାସରେ ତେର ପର୍ବ ପାଳନ କରାଯାଇଥାଏ। ଓଡ଼ିଶାରେ ପ୍ରାୟ ପ୍ରତିଟି ମାସରେ ଘରେଘରେ କିଛି ପର୍ବ ପାଳନ ହୋଇଥାଏ । ତେବେ ଆସନ୍ତୁ ଜାଣିବା ସେହିଭଳି କିଛି ସ୍ୱତନ୍ତ୍ର ପର୍ବ ସମ୍ପର୍କରେ ଯାହାକୁ ଓଡ଼ିଶାର ଲୋକ ଖୁବ ଶ୍ରଦ୍ଧା ଓ ଉଲ୍ଲାସର ସହିତ ପାଳନ କରିଥାଆନ୍ତି ।**

ଓଡ଼ିଶା ହେଉଛି ପର୍ବପର୍ବାଣିର ରାଜ୍ୟ, ଯେଉଁଠି ବାରମାସରେ ତେରପର୍ବ ପାଳନ କରାଯାଏ। ପ୍ରତ୍ୟେକ ପର୍ବପର୍ବାଣିର ଏକ ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଉତ୍କଳୀୟ ପର୍ବପର୍ବାଣି ସାଧାରଣତଃ ଧର୍ମ ଓ ପୌରାଣିକ ଉପାଖ୍ୟାନର ଭିତ୍ତି ଉପରେ ପ୍ରତିଷ୍ଠିତ । ଓଡ଼ିଶା ମାଟିରେ ଅଗଣିତ ଦେବୀ ଦେବତାଙ୍କର ଉପାସନା ହୋଇଥାଏ। ପ୍ରତ୍ୟେକ ପଲ୍ଲୀଗ୍ରାମରେ ନିଜର ଗ୍ରାମଦେବତା ବା ଗ୍ରାମଦେବତୀ ରହିଥାନ୍ତି। ଆଉ ଏଇ ଗ୍ରାମଦେବତାଙ୍କର ଥାଏ ଏକ ନିଆରା କିମ୍ବଦନ୍ତୀ, ଏକ ଅଲଗା ଇତିହାସ, ଭିନ୍ନ ଏକ ପରମ୍ପରା, ଏକ ପରବ, ଏକ ମଉଛବ । ପର୍ବପର୍ବାଣି ଗୁଡ଼ିକରେ ଜନଜୀବନର ସଂସ୍କୃତି, ଜାତୀୟତା ବୋଧ ଓ ଧର୍ମଧାରଣା ଆଦି ସଂଶ୍ଳିଷ୍ଟ । ବିଶେଷତଃ ପର୍ବପର୍ବାଣି, ଓଷାବ୍ରତ ଓ ଯାନିଯାତ୍ରା ଗୁଡ଼ିକ ତିଥି, ବାର, ନକ୍ଷତ୍ର, କୃଷିକର୍ମ, ଦେବଦେବୀ, ଶାସ୍ତ୍ରୀୟ କାହାଣୀ, ଲୋକକଥା, ଆନନ୍ଦମହୋତ୍ସବ ପାଇଁ ପାଳିତ ହୋଇଥାଏ ।

## ବୈଶାଖ

ଓଡିଆ କ୍ୟାଲେଣ୍ଡରର ପ୍ରଥମ ମାସ ହେଲା ବୈଶାଖ ମାସ ଯାହାକୁ ଖୁବ ପୂଣ୍ୟ ମାସ ବୋଲି ମଧ୍ୟ ବିବେଚନା କରାଯାଇଥାଏ । ଏହି ମାସରେ ଏକାଧିକ ପର୍ବ ପାଳନ ହୋଇଥାଏ, ଯାହାର ତାଲିକ ବେଶ ଲମ୍ବା। ପ୍ରଥମେ ପଡିଥାଏ ଅକ୍ଷୟ ତୃତୀୟା ଯାହା ଏକ କୃଷି ଭିତ୍ତିକ ପର୍ବ । ଅକ୍ଷୟ ତୃତୀୟାରେ କୃଷକ ତାର ଅଖି ମୁଠି ଅନୁକୂଳ କରିଥାଏ । ଏହି ପର୍ବକୁ ଖୁବ ସ୍ୱତନ୍ତ୍ର ଭାବେ ଗାଁଗାଁରେ ପାଳନ କରାଯାଇଥାଏ । ଏହି ଦିନ ଠାରୁ ପ୍ରଭୁଶ୍ରୀ ଜଗନ୍ନାଥଙ୍କର ଆରମ୍ଭ ହୋଇଥାଏ ଚନ୍ଦନ ଯାତ୍ରା ଯାହା ଦୀର୍ଘ ୨୧ ଦିନ ଧରି ପାଳନ ହୋଇଥାଏ, ଯାହାର ଶେଷଦିନକୁ ଭଉଁରୀ ଯାତ୍ରା କୁହାଯାଇଥାଏ । ଏହାସହ ଗାଁଗାରେ ଥିବା ଗ୍ରାମଦେବତୀ ଓ ଶ୍ରୀଗୋପିନାଥଙ୍କର ମଧ୍ୟ ଚନ୍ଦନଯାତ୍ରା ପାଳନ ହୋଇଥାଏ । ଏହାପରେ ବୈଶାଖ ମାସ ଶୁକ୍ଲପକ୍ଷ ନବମୀକୁ ସୀତା ନବମୀ ଭାବେ ପାଳନ କରାଯାଏ। ଏହିଦିନରେ ସୀତା ଆବିର୍ଭାବ ହୋଇଥିଲେ ବୋଲି ଜନମାନସରେ ବିଶ୍ୱାସ ରହିଛି। ବୈଶାଖ ମାସରେ ପାଳନ ହୋଇଥାଏ ପଣା ସଂକ୍ରାନ୍ତି ବା ଓଡ଼ିଆ ନୂଆବର୍ଷ।ଏହି ଦିନ ହନୁମାନ ଜୟନ୍ତୀ ମଧ୍ୟ ପାଳନ ହୋଇଥାଏ। ଏହି ଦିନ ଗାଁ ଗାଁରେ ଆୟୋଜିତ ହୋଇଥାଏ ଝାମୁ ଯାତ୍ରା।

## ଜ୍ୟେଷ୍ଠ



ଏହି ମାସରେ ପାଳନ ହୋଇଥାଏ ସାବିତ୍ରୀ ଓଷା। ଏହିଦିନ ସଧବା ନାରୀମାନେ ମାତା ସାବିତ୍ରୀଙ୍କୁ ପୂଜା କରି ନିଜ ସ୍ୱାମୀଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳ ମନାସି, ଆଜୀବନ ସଧବା



ହେବା ପାଇଁ, ଏହି ଓଷା ପାଳନ କରିଥାନ୍ତି । ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ମା' ପାର୍ବତୀ ଓ ଶିବ ଶଙ୍କରଙ୍କର ବିବାହ ଉତ୍ସବ ଏବଂ ତା'ପରଦିନ ଶୀତଳଷଷ୍ଠୀ ଯାତ୍ରା ପାଳନ କରାଯାଏ । ସାଧାରଣ ବାହାଘର ପରି ପାରମ୍ପରିକ ରୀତିରେ ପ୍ରଭୁ ଶଙ୍କରଙ୍କୁ ମା' ପାର୍ବତୀଙ୍କ ସହ ବୈଦିକ ରୀତିରେ ବିବାହ କରାଯାଏ । ଏହି ମାସରେ ପାଳନ ହୋଇଥାଏ ରଜ ପର୍ବ, ଯାହାକୁ ଗଣ ପର୍ବ ଭାବେ ମଧ୍ୟ ସମ୍ବୋଧନ କରାଯାଇଥାଏ । ଏହା ତିନିଦିନ ଧରି ପାଳନ ହୋଇଥାଏ । ଏହି ପର୍ବ ମାଧ୍ୟମରେ ଓଡ଼ିଶାରେ ନାରୀମାନଙ୍କର ରଜ୍ୱଶୀଳାକୁ ଖୁବ ଧୁମଧାମରେ ପାଳନ କରାଯାଇଥାଏ । ଯାହା ସାରା ଓଡ଼ିଶାକୁ ବିଶ୍ୱରେ ପରିଚିତ କରାଇଥାଏ । ଏହି ମାସରେ ପାଳନ ହୋଇଥାଏ ମା ରୁକ୍ମିଣୀଙ୍କର ବିବାହ ଯାହାର ପରଦିନକୁ ଚମ୍ପକ ଦ୍ୱାଦଶୀ ଭାବେ ଗାଁଗାଁରେ ପାଳନ କରାଯାଇଥାଏ । ଏହି ଦିନ ପୁରୀର କିଛି ଗ୍ରାମରେ ହାତ ତିଆରି ବାଣ ମରାଯିବାର ପରମ୍ପରା ରହିଛି, ଯାହା ଏହାକୁ ଖୁବ ସ୍ୱତନ୍ତ୍ର କରିଥାଏ ।

## ଆଷାଢ଼

ଆଷାଢ ମାସରେ ପାଳିତ ହୋଇଥାଏ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ଯେଉଁଥିରେ ପୁରୀରେ ପ୍ରଭୁଶ୍ରୀ ଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାସୁଭଦ୍ରା ମାଉସୀଘର ବୁଲିବା ପାଇଁ ବାହାରିଥାଆନ୍ତି । ଏହି ସମୟରେ ପୁରୀରେ ପ୍ରତିଦିନ ଠାକୁରଙ୍କର ବିଭିନ୍ନ ପ୍ରକାରର ପର୍ବ ପାଳନ ହୋଇଥାଏ । ଏହାର ୯ ଦିନ ପରେ ବାହୁଡା ଯାତ୍ରାର ଆୟୋଜନ ହୋଇଥାଏ । ଏହାକୁ ଦେଖିବାକୁ ଲକ୍ଷାଧିକ ଲୋକଙ୍କର ଭିଡ ଯମିଥାଏ ।

## ଶ୍ରାବଣ

ଶ୍ରାବଣ ମାସରେ ପାଳନ ହୋଇଥାଏ ଚିତାଲାଗି ଅମାବାସ୍ୟା, ଯେଉଁଥିରେ ଘରେଘରେ ଚତଉପିଠା ହୋଇ ଠାକୁରଙ୍କୁ ଭୋଗ ଲାଗିଥାଏ । ଏହିଦିନ ଶ୍ରୀଜଗନ୍ନାଥଙ୍କୁ ଚିତା ଲଗାଯିବାର ବିଧି ମଧ୍ୟ ପାଳନ ହୋଇଥାଏ । ସେହିଭଳି ଗାଁ ଗଣ୍ଡାରେ ଏହାକୁ ଗେଣ୍ଡା କଟା ଅମାବାସ୍ୟା ବୋଲି ସମ୍ବୋଧନ କରାଯାଇଥାଏ । ଏହିଦିନ ଚତଉ ପିଠାକୁ ବିଲରେ ପକାଯାଇଥାଏ, ଯେପରି ବିଲରେ କାମ କରୁଥିବା ଘରର ପୁରୁଷ ସଦସ୍ୟଙ୍କୁ ଗେଣ୍ଡା କାମୁଡିବ ନାହିଁ । ଏହିମାସରେ ଶ୍ରୀମନ୍ଦିରରେ ପାଳନ ହୋଇଥାଏ ଝୁଲଣ ଯାତ୍ରା । ଯାହା ଶ୍ରାବଣ ଦଶମୀଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ପାଳନ କରାଯାଇଥାଏ । ଶ୍ରୀକୃଷ୍ଣଙ୍କର ଶ୍ରୀରାଧା ଓ ଗୋପୀମାନଙ୍କ ସହିତ ବିଳାସମୟ ଦୋଳିଖେଳ ନୀତି ଏଥିରେ ସମାପନ ହୋଇଥାଏ । ଏହାପରେ ପାଳନ ହୋଇଥାଏ ବଳଭଦ୍ରଙ୍କର ଜନ୍ମଉତ୍ସବ ବା ଗହ୍ମା ପୂର୍ଣ୍ଣିମା । ଏହି ଦିନ ଘରେଘରେ ଗାଈମାନଙ୍କୁ ପୂଜା କରାଯାଇଥାଏ । ଏହାସହ ଏହି ଦିନ ରାକ୍ଷୀପୂର୍ଣ୍ଣିମା ମଧ୍ୟ ପାଳନ ହୋଇଥାଏ ।

## ଭାଦ୍ରବ

ଏହି ମାସରେ ଘରର ରକ୍ଷା ଉଦ୍ଦେଶ୍ୟରେ ପାଳନ ହୋଇଥାଏ ରେଖା ପଞ୍ଚମୀ । ଯେଉଁଥିରେ ଘରର କବାଟରେ ପିଠା ପୂଜା ହେବା ସହ ରକ୍ଷା ମନ୍ତ୍ର ଲେଖାଯାଇଥାଏ ଏବଂ ବେଣାର ପଣ୍ଡୁଅ ବନ୍ଧା ଯାଇଥାଏ । ଏହି ମାସରେ ପାଳନହୋଇଥାଏ ଜନ୍ମାଷ୍ଟମୀ । ଯାହା କୃଷ୍ଣଙ୍କର ଜନ୍ମୋତ୍ସବ । ଏହିମାସର ଆଉଏକ ପର୍ବ ସପ୍ତପୁରୀ ଅମାବାସ୍ୟା । ଏହିଦିନ ଘରେ ସପ୍ତପୁରୀ ନାମରେ ଏକ ମିଠା ପ୍ରସ୍ତୁତ କରି ଭୋଗ ଲଗାଯାଇଥାଏ । ସେହିଭଳି ଏହି ମାସରେ ଗଣେଷ ପୂଜା, ରାଧାଷ୍ଟମୀ, ଅନନ୍ତ ବ୍ରତ ଆଦି ପାଳନ ମଧ୍ୟ ହୋଇଥାଏ । ଆଉ ଏକ ନିଆରା ପର୍ବ ବାଲିତୃତୀୟା ଏହି ମାସରେ ପାଳନ ହୋଇଥାଏ । ଯେଉଁ ବ୍ରତରେ ସଧବା ସ୍ତ୍ରୀମାନେ ନିଜନିଜ ସ୍ୱାମୀମାନଙ୍କ ପାଇଁ ନିର୍ଜଳା ଉପବାସ କରିଥାଆନ୍ତି ।








ଦିନ ଶେଷରେ ପ୍ରଭୁ ଶିବଙ୍କ ପୂଜାର୍ଚ୍ଚନା ପରେ ସେମାନେ ପ୍ରସାଦ ସେବନ କରିଥାଆନ୍ତି । ଏହାସହ ଏହି ମାସରେ ପାଳନ ହୋଇଥାଏ ଷଠିଓସା । ଯେଉଁଥିରେ ପିଲାମାନଙ୍କ ଲମ୍ବା ଆୟୁଷ ପାଇଁ ମାଆ ମାନେ ଓ ଘରର ବଡମାନେ ସେମାନଙ୍କୁ ବନ୍ଦାପନା କରାଯାଇଥାଏ । ଏଥିରେ ମାଟି କଣ୍ଢେଇଙ୍କୁ ପୂଜା ହେବାର ସ୍ୱତନ୍ତ୍ର ନୀତି ରହିଛି । ସେହିପରି ଏହି ମାସରେ ପଶ୍ଚିମ ଓଡ଼ିଶାରେ ପାଳନ ହୋଇଥାଏ ନୂଆଁଖାଇ ପର୍ବ, ଯାହା ଓଡ଼ିଶାର ଆଉ ଏକ ଗଣ ପର୍ବ ।ଭାଦ୍ରବମାସରେପାଳିତହୋଇଥାଏଖୁଦୁରୁକୁଣୀଓଷା ।ଯାହାଭାଇମାନଙ୍କଉଦ୍ଦେଶ୍ୟରେଅବିବାହିତମହିଳାମାନେପୂଜାକରିଥାଆନ୍ତି ।ଓଡ଼ିଶାରପ୍ରତିଗାଁଓସହରରେଏହିଓଷାଏକମାସଧରିପାଳନକରିଯାଇଥାଏ ।ପ୍ରତିରବିବାରମାଆମଙ୍ଗଳାଙ୍କୁଝିଅମାନେଏକତ୍ରିତହୋଇପୂଜାକରିଥାଆନ୍ତି ।

## ଆଶ୍ୱିନ

ଆଶ୍ୱିନ ମାସର ଆରମ୍ଭ ହୋଇଥାଏ ଦୁତିବାହନ ବା ପୁଅଜିଉଁନ୍ତିଆ ଓଷାରୁ । ଏହିଦିନ ମାଆ ମାନେ ପୁଅ ମାନଙ୍କର ଲମ୍ବା ଆୟୁପାଇଁ ଓଷା କରନ୍ତି । ଏହା ମଧ୍ୟ ନିର୍ଜଳା ଉପବାସ ହୋଇଥାଏ । ଯାହା ପରଦିନ ଘରେଘରେ ପ୍ରସ୍ତୁତ ହୋଇଥାଏ ଘାଣ୍ଟ ତରକାରୀ । ଓଷାପାଇଁ କୋଠିରେ ପଡୁଥିବା ସମସ୍ତ ପରିବାକୁ ନେଇ ଏହି ଘାଣ୍ଟ ତରକାରୀ ପ୍ରସ୍ତୁତ ହୋଇଥାଏ । ସେହିଭଳି ଏହି ମାସରେ ପାଳନ ହୋଇଥାଏ ପିତୃପକ୍ଷ ଯାହା ସମାପନ ହୋଇଥାଏ ମହାଳୟା ଦିନ । ଏହି ୧୫ଦିନ ଧରି ଘରର ମୁରବିମାନେ କାହା ପାଗରେ ଖାଇବାର ବାରଣ ଥାଏ । ମହାଳୟା ଦିନ ଶ୍ରାଦ୍ଧ ଦିଆଯିବା ପରେ ଏହାର ସମାପ୍ତି ଘଟିଥାଏ । ଏପରିକି କ୍ଷୌର ହେବାରେ ମଧ୍ୟ ବାରଣଥାଏ । ଏହାପରେ ପାଳନ ହୋଇଥାଏ ମା ଦୁର୍ଗାଙ୍କର ଷୋଳପୂଜା ।ଆଶ୍ୱିନମାସପୂର୍ଣ୍ଣିମାରେପାଳନହୋଇଥାଏକୁମାରପୂର୍ଣ୍ଣିମା, ଯାହାଓଡ଼ିଶାରଗାଁଗାଁରେପାଳନହୋଇଥାଏ ।ଏହିଦିନକୁଆଁରୀଝିଅମାନେଭଲବରପାଇବାଉଦ୍ଦେଶ୍ୟରେଓଷାକରିବାସହିତଚନ୍ଦ୍ରପୂଜାକରିବିଧିପାଳନକରିଥାଆନ୍ତି ।

## କାର୍ତ୍ତିକ

ଓଡ଼ିଆମାସରେ କାର୍ତ୍ତିକ ମାସ ହେଉଛି ଧାର୍ମିକ ମାସ । ଏହି ମାସରେ ପାଳନ ହୋଇଥାଏ କାର୍ତ୍ତିକ ବ୍ରତ, ଯେଉଁଥିରେ ବ୍ରତଧାରୀମାନେ ରାଇଦାମୋଦରଙ୍କ ପୂଜା କରି ହବିଷ କରିଥାଆନ୍ତି । ଏହିମାସରେ ପାଳନ ହୋଇଥାଏ ଦୀପାବଳି ଅମାବାସ୍ୟା, ଯେଉଁଥିରେ ଘରେଘରେ ଦୀପ ଜଳାଯିବା ସହ ପୟାଶ୍ରାଦ୍ଧ କରାଯାଇଥାଏ । ଆଉ ଏକ ପର୍ବ ଏହି ମାସରେ ପାଳନ ହୁଏ ଅଁଳା ନବମୀ, ଯେଉଁଥିରେ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନର ପରମ୍ପରା ବେଶ ଲୋକପ୍ରିୟ ।

## ମାର୍ଗଶୀର

ମାର୍ଗଶୀର ମାସକୁ ଲକ୍ଷ୍ମୀଙ୍କର ମାସ ବୋଲି ବିବେଚନା କରାଯାଇଥାଏ, ଏହି ମାସରେ ଏଭଳି ଅନେକ ପର୍ବ ପାଳନ ହୋଇଥାଏ ଯାହା କେବଳ ଓଡ଼ିଶାରେ ସ୍ୱତନ୍ତ୍ରଭାବେ ପାଳନ ହୋଇଥାଏ । ଏହି ମାସରେ ମାଣବସା ଗୁରୁବାର ପାଳନ କରାଯାଇଥାଏ । ଯେଉଁ ପର୍ବରେ ଘରେଘରେ ପାଳନ ହୋଇଥାଏ ମା ଲକ୍ଷ୍ମୀଙ୍କର ମାଣବସା ଗୁରୁବାର । ଏହିଦିନ ଘରେ ମାଲକ୍ଷ୍ମୀଙ୍କର ପୂଜା ଅର୍ଚ୍ଚନା ସହିତ ଲକ୍ଷ୍ମୀପୁରାଣ ପାଠ କରାଯାଏ । ଏହି ମାସରେ ପାଳନ ହୋଇଥାଏ ପ୍ରଥମାଷ୍ଟମୀ । ଯେଉଁ ପର୍ବରେ ଘରର ବଡମାନଙ୍କୁ ନୂଆ ବସ୍ତ୍ର ସହ ପୂଜାର୍ଚ୍ଚନା କରାଯାଇଥାଏ । ଏହିମାସରେ ଓଡ଼ିଆ ଘରେ









ପାଳନ ହୋଇଥାଏ ଏକ ନିଆରା ପର୍ବ କାଞ୍ଜି ଅଁଳା ନବମୀ । ଏହି ତିଥିରେ ଶୁଖୁଆ ବୋହୁଙ୍କୁ ପୂଜା କରିବା ପ୍ରଥା ରହିଛି । ଶୁଖୁଆ ମାନଙ୍କୁ ଗାଧୁଆ ଯାଇ ହଳଦିଆ ବସ୍ତ୍ର ପିନ୍ଧାଇ କଜଳ ସିନ୍ଦୁର ଲଗାଯାଇ ପୂଜା କରାଯାଇଥାଏ । ଏହି ପର୍ବରେ ଲକ୍ଷ୍ମୀ ଅଲକ୍ଷ୍ମୀ ଭେଟ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଧନୁସଂକ୍ରାନ୍ତି ମଧ୍ୟ ଏହି ମାସରେ ପାଳନ ହୋଇଥାଏ । ଏହି ପର୍ବରେ ଗାଁଗାଁରେ ଧନୁଯାତ୍ରାର ଆୟୋଜନ ହୋଇଥାଏ ।

## ପୌଷ

ଏହି ମାସରେ ପଡିଥାଏ ଶାମ୍ବଦଶମୀ ପର୍ବ, ଯେଉଁଥିରେ ପିଲାଙ୍କର ଆରୋଗ୍ୟ କାମନା କରି ମାଆ ମାନେ ବିଭିନ୍ନ ମାନସିକ ପିଠା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଭୋଗ କରିଥାଆନ୍ତି । ଏହି ପର୍ବରେ ଏକ ସ୍ୱତନ୍ତ୍ର ତରକାରୀ ଘଡଘଡିଆ ତିଅଣ ମଧ୍ୟ ସୂର୍ଯ୍ୟଙ୍କୁ ଭୋଗ କରାଯାଇଥାଏ ।

## ମାଘ

ମାଘ ମାସ ପଞ୍ଚମୀ ତିଥିରେ ପାଳନ ହୋଇଥାଏ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ପୂଜା, ଯାହାକୁ ଶ୍ରୀପଞ୍ଚମୀ କୁହାଯାଇଥାଏ । ଏହିଦିନ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଖୁବ ଧୁମଧାମରେ ଏହି ପୂଜା ପାଳନ ହୋଇଥାଏ । ସେହିଭଳି ଏହି ମାସରେ ପାଳନ ହୋଇଥାଏ ମାଘସପ୍ତମୀ ବୁଡ, ଯେଉଁଥିରେ କୋଣାର୍କ ମନ୍ଦିର ନିକଟରେ ଥିବା ଚନ୍ଦ୍ରଭାଗାରେ ଏହି ବୁଡର ଆୟୋଜନ ହୋଇଥାଏ ।

## ଫାଲଗୁନ

ଫାଲଗୁନ ମାସରେ ପାଳନ ହୋଇଥାଏ ଶିବରାତ୍ରୀ । ଏହାକୁ ଓଡ଼ିଶାରେ ଜାଗର ବୋଲି ମଧ୍ୟ ସମ୍ବୋଧନ କରିଥାଆନ୍ତି । ଏହି ପର୍ବରେ ଉଜାଗର ରହି ଭକ୍ତମାନେ ଶିବଙ୍କ ପାଖରେ ଦ୍ୱୀପ ପ୍ରଜ୍ୱଳନ କରିଥାଆନ୍ତି । ଏହାପରେ ଏହି ମାସରେ ପଡିଥାଏ ଦୋଳପୂର୍ଣ୍ଣିମା, ଯେଉଁଥିରେ ଗାଁଗାଁରେ ଥିବା ମେଳଣ ପଡିଆରେ ପଞ୍ଚୁଦୋଳ ଏକାଠି ହୋଇ ପୂଜା ପାଇଥାଆନ୍ତି । ଏହା ପରଦିନ ପାଳନ ହୋଇଥାଏ ହୋଲି ।

## ଚୈତ୍ର

ଏହି ମାସରେ ଅଶୋକାଷ୍ଟମୀ ପଡିଥାଏ, ଯାହା ରୁକୁଣା ରଥଯାତ୍ରା ନାମରେ ମଧ୍ୟ ପରିଚିତ ।ଏହିଦିନ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ତେବେ ଏହା ପରଦିନ ଅନୁଷ୍ଠିତ ହୋଇଥାଏ ରାମ ନବମୀ । ଯାହା ପ୍ରଭୁଶ୍ରୀରାମଙ୍କର ଜନ୍ମଦିନ ଭାବେ ପାଳନ ହୋଇଥାଏ । ଏହି ମାସରେ ପାଳନ ହୋଇଥାଏ ଚୈତ୍ର ମଙ୍ଗଳବାର ଓଷା । ଯାହାକୁ ଗାଁଗାଁରେ ନାରୀମାନେ ମଙ୍ଗଳାଙ୍କ ଓଷା କରିବା ସହ ପୂଜା ଅର୍ଚ୍ଚନା କରିଥାଆନ୍ତି ।

# ନିଆରା ଯାତ୍ରା

ଓଡ଼ିଶାରେ କେବଳ ଯେ ବାର ମାସରେ ତେର ପର୍ବ ପାଳନ ହୋଇଥାଏ ତାହା ନୁହେଁ । ଏଠାରେ ଅନେକ ପାରମ୍ପରିକ ଯାତ୍ରାର ମଧ୍ୟ ଆୟୋଜନ କରାଯାଇଥାଏ । ଯେଉଁଥିରେ ଗାଁର ଲୋକମାନେ ସମସ୍ତେ ଏକତ୍ରିତ ହୋଇ ଠାକୁରଙ୍କୁ ପୂଜା କରିବା ସହ ଆଶୀର୍ବାଦ ଗ୍ରହଣ କରନ୍ତି । ଏହି ଯାତ୍ରା ଗୁଡ଼ିକ ଓଡ଼ିଶାର ନିଆରା ପରମ୍ପରାକୁ ସାରା ବିଶ୍ୱ ଆଗରେ ପରିପ୍ରକାଶ କରିଥାଏ ।

### ଓଲାଶୁଣୀ ମେଳା

ଓଲାଶୁଣୀ ଗୁମ୍ଫାରେ ମାଘ କୃଷ୍ଣପକ୍ଷ ଏକାଦଶୀରେ ଏକ ବିରାଟ ମେଳାର ଆୟୋଜନ ହୋଇଥାଏ । ଓଡ଼ିଶାର ଯେତେଗୁଡ଼ିଏ ଗୁମ୍ଫାକ୍ଷେତ୍ର ଦେଖାଦିଏ, ସେଥିମଧ୍ୟରୁ ଓଲାଶୁଣି ଗୁମ୍ଫାକ୍ଷେତ୍ର ଅନ୍ୟତମ । ଏହାର ଅଧିଷ୍ଠାତ୍ରୀ ଦେବୀ ହେଲେ ମାଆ ଓଲାଶୁଣି । ଏହି ମେଳାରେ ଓଡ଼ିଶା ବାହାରୁ ମଧ୍ୟ ଲୋକଙ୍କର ସମାବେଶ ଦେଖିବାକୁ ମିଳେ । ଏହି ମେଳାର କିମ୍ବଦନ୍ତୀ ମଧ୍ୟ ବେଶ ରୋଚକ । ଓଡ଼ିଶାରେ ଏହି ମେଳାର ଖୁବ ମାନ୍ୟତା ରହିଛି ।

### ଚଇତି ମେଳା

ଚୈତ୍ର ପୂର୍ଣ୍ଣିମାରେ ପାଳନ ହୋଇଥାଏ ଚଇତି ମେଳା  ଓଡ଼ିଶାର ଏକ ଗଣପର୍ବ । ଏହା କେଉଟ ଜାତିର ଲୋକଙ୍କଦ୍ୱାରା ଚୈତ୍ର ମାସ ପୂର୍ଣ୍ଣମୀ ତିଥିରେ ପାଳିତ ହୋଇଥାଏ । କେଉଟମାନେ ଘୋଡ଼ାର ଏକ ଖୋଳ କରି ସେଥିରେ ପଶି ଘୋଡ଼ା ଚଢ଼ିବାର ଅଭିନୟ କରିଥାନ୍ତି । ଏହା ଚଇତିଘୋଡ଼ା ନାଚ ନାମରେ ଜଣା । ପୂର୍ଣ୍ଣମୀର ପୂର୍ବ ଆଠ ଦିନ ଧରି ''ଚଇତି ପର୍ବ'' ପାଳନ କରାଯାଏ । ଆଦିବାସୀମାନେ ଏହି ପର୍ବରେ ଦିନ ରାତି ବ୍ୟାପୀ ଭୋଜିଭାତ, ନାଚ ଆଦି କରିଥାନ୍ତି । ଘରର ମୁଖ୍ୟ ଏହିଦିନ ପୂର୍ବପୁରୁଷମାନଙ୍କୁ ଶ୍ରାଦ୍ଧ ଦେଇଥାନ୍ତି । ବର୍ଷର ପ୍ରଥମ ପାଚିଲା ଆମ୍ବ ଲୋକେ ଏଇ ଦିନ ଖାଇଥାନ୍ତି । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦଣ୍ଡ ନାଚ ଓ ''ଚଇତିଘୋଡ଼ା ନାଚ'' ଅନୁଷ୍ଠିତ ହୋଇଥାଏ ।

### ଝୁଲଣ ଯାତ୍ରା

ଶ୍ରୀମନ୍ଦିରରେ ଏହି ଝୁଲଣ ଯାତ୍ରା ଶ୍ରାବଣ ଦଶମୀଠାରୁ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ପାଳନ କରାଯାଇଥାଏ । ଏହାହେଉଛି ଶ୍ରୀକୃଷ୍ଣଙ୍କର ଶ୍ରୀରାଧା ଓ ଗୋପୀମାନଙ୍କ ସହିତ ବିଳାସମୟ ଦୋଳିଖେଳ । ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର ସେବା ସମସ୍ତ ଦେବତାଗଣ, ମନୁଷ୍ୟ ଓ ଗୋପୀମାନେ ପାଇବା ଦେଖି ଗନ୍ଧର୍ବମାନେ ମଧ୍ୟ କିଛି ସେବାପାଇଁ ପ୍ରାର୍ଥନା କଲେ । ସେହି ଅନୁସାରେ ଏକ ସୁନ୍ଦର ଝିଲମିଲ ଜରିଜମ୍ବୁରାରେ ତିଆରି ଗୋଟିଏ କୁଞ୍ଜରେ ରାଧା ଓ କୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲାଇବାର ସେବା ସେମାନଙ୍କୁ ମିଳିଥିଲା, ଯାହା ଝୁଲଣ ଯାତ୍ରା ଭାବେ ପରିଚିତ ।





# ପର୍ବ ଅନୁସାରେ ପୋଷାକ

**ଓଡ଼ିଶାରେ ଯେପରି ବାରମାସରେ ତେର ପର୍ବ ପାଳନ ହୋଇଥାଏ, ସେହିଭଳି କିଛି ପର୍ବରେ ଭିନ୍ନଭିନ୍ନ ପୋଷାକର ପରିଧାନର ପ୍ରଚଳନ ମଧ୍ୟ ରହିଥାଏ । ଆସନ୍ତୁ ସେହିଭଳି କିଛି ସ୍ୱତନ୍ତ୍ର ପୋଷାକ ସମ୍ପର୍କରେ ଜାଣିବା ।**

**ଗୁରୁବାର :** ଓଡ଼ିଶାରେ ମାର୍ଗଶୀର ମାସରେ ପାଳନ ହୋଇଥାଏ ମାଆ ଲକ୍ଷ୍ମୀଙ୍କର ଗୁରୁବାର ଓସା । ଏହାକୁ ମାଣବସା ଗୁରୁବାର ବୋଲି ମଧ୍ୟ ସମ୍ବୋଧନ କରାଯାଇଥାଏ । ଏହି ଦିନ ଗାଁ ସହର ସବୁସ୍ଥାନରେ ଲକ୍ଷ୍ମୀଙ୍କର ଓସା କରାଯାଇଥାଏ । ସେହିଭଳି ଏହିଦିନ ମହିଳାମାନେ ଧଳା ଓ ଲାଲ ରଙ୍ଗର ଶାଢୀ ପିନ୍ଧିଥିବାର ମଧ୍ୟ ଦେଖିବାକୁ ମିଳେ । ଏହି ଶାଢିରେ ଲାଲ ରଙ୍ଗର ବଡର ଥିବାବେଳେ ଶରୀରରେ ଧଳା ଉପରେ ଲାଲ ରଙ୍ଗର ବୁଟି ପଡିଥାଏ । ଏହି ଶାଢିକୁ ଲୋକକଥାରେ ଗୁରୁବାର ଶାଢି ବୋଲି ମଧ୍ୟ ସମ୍ବୋଧନ କରନ୍ତି ।

**ନୂଆଁ ଖାଇ:** ପଶ୍ଚିମ ଓଡ଼ିଶାର ଗଣପର୍ବ ହେଉଛି ନୂଆଁ ଖାଇ । ଯେଉଁ ପର୍ବ ପଶ୍ଚିମ ଓଡ଼ିଶାର ଘରେଘରେ ବନ୍ଧୁ ପରିଜନ ଏକାଠି ହୋଇ ପାଳନ କରନ୍ତି ନୂଆଁ ଖାଇ ପର୍ବ । ଏହି ଦିନ ସମସ୍ତେ ଏକାଠି ହୋଇ ସମଲେଶ୍ୱରୀଙ୍କୁ ନବାର୍ଣ୍ଣ ଅର୍ପଣ କରିବା ସହିତ ପରିବାର ସହ ମିଶି ନିଜେ ଭକ୍ଷଣ କରିଥାଆନ୍ତି । ଏହି ପର୍ବରେ ଘରର ଛୋଟ ଠାରୁ ବଡ ସମସ୍ତେ ସମ୍ବଲପୁରୀର ବିଭିନ୍ନ ପୋଷାକ ପିନ୍ଧୁଥିବାର ନଜରକୁ ଆସିଥାଆନ୍ତି । ପୁରୁଷ ଓ ମହିଳା ଉଭୟ ସମ୍ବଲପୁରୀ ପୋଷାକରେ ଏହି ପର୍ବକୁ ପାଳନ କରୁଥିବାର ଦେଖିବାକୁ ମିଳିଥାଏ ।

**ଘର ପୂଜା:** ସେହିଭଳି ଓଡ଼ିଶାର ଘରପୂଜା କରୁଥିବା ସମୟରେ ଘରର ମହିଳା ହୁଅନ୍ତୁ ଅବା ପୁରୁଷ ସମସ୍ତେ ମଠା ପିନ୍ଧି ପୂଜା କରିବାର ବିଧି ପ୍ରଚଳିତ ଥାଏ । ଏହି ମଠାକୁ ଏକ ସ୍ୱତନ୍ତ୍ର ଧରଣର ସୂତାରୁ ପ୍ରସ୍ତୁତ କରାଯାଇଥାଏ । ଏଗୁଡିକ ଦେଖିବାକୁ ଖୁବ ସୁନ୍ଦର ଓ ପାରମ୍ପରିକ ହୋଇଥାଏ । ତେବେ କିଛି ଓଡ଼ିଶାର କିଛି ସ୍ଥାନରେ ଏହାର ବ୍ୟବହାର ଦେଖିବାକୁ ମିଳିଥାଏ । ଏହା ସାଧାରଣ ଅଫ ହ୍ୱାଇଟ କିମ୍ବା ଫିକା ରଙ୍ଗର ହୋଇଥାଏ, ଯାହାକୁ ଲୋକାଚାରରେ ମଠାରଙ୍ଗ ବୋଲି ମଧ୍ୟ ସମ୍ବୋଧନ କରାଯାଇଥାଏ । ମହିଳାଙ୍କ ପାଇଁ ଥିବା ସ୍ୱତନ୍ତର ଶାଢିରେ ଗାଢ ଲାଲାର କୁମ୍ଭ ପଡିଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ସେହିଭଳି ବିବାହ ବ୍ରତରେ ମଧ୍ୟ ଏହାର ବ୍ୟବହାର ରହିଛି ।

**ଅନ୍ୟାନ:** ସେହିଭଳି ଓଡ଼ିଶାର ପ୍ରାୟ ସମସ୍ତ ପର୍ବରେ ଖୁବ ସୁନ୍ଦର ଗାଢ ରଙ୍ଗ ସହ ଶାଢି ହିଁ ପିନ୍ଧା ଯାଇଥାଏ । ସେହିଭଳି ପୁରୁଷଙ୍କ ପାଇଁ କିଛି ପର୍ବରେ ଧୋତି ପିନ୍ଧିବା ଅନିବାର୍ଯ୍ୟ ଥାଏ । ରଜ, ସାବିତ୍ରୀ, ଦଶହରା, କୁମାରପୂର୍ଣ୍ଣିମା ଭଳି ପର୍ବରେ ମହିଳାମାନେ ପ୍ରାୟତ ଶାଢି କିମ୍ବା ପାରମ୍ପରିକ ପୋଷାକ ପରିଧାନ କରିଥାଆନ୍ତି ।











## ମୃଣାଳ

ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

## କାଶତଣ୍ଡୀ

ଯେତେ କବାଟ
ବନ୍ଦ କର
ଯେତେ ଜଞ୍ଜିର ବାନ୍ଧ
ଯେତେ ତାଲା
ପକାଅ
କାଶତଣ୍ଡୀ ଫୁଟେ,
ଫୁଟିବ ...
ଆଉ ସାରା ବିଶ୍ୱକୁ
ଜଳଜଳ ଦିଶିବ ।
ଘାସ ହେଲେ ବି
ମେରୁଦଣ୍ଡ ସଳଖି
ଆକାଶକୁ ହାତ
ବଢେଇବ ।
କାଶତଣ୍ଡୀ ଫୁଟେ ,
ଫୁଟିବ, ଫୁଟିଛି ॥



# ଏତେ ତରବର କାହିଁକି ?

ଆଜିକାଲି ଦେଖିବେ କିଛିଲୋକ ସବୁଥିରେ ତରବର । ବହୁତ ବେଶୀ ବ୍ୟସ୍ତ । ରାଜରାସ୍ତାରେ କିଛି ଟୋକା ଯେଉଁ ସ୍ପିଡ୍‌ରେ ବାଇକ୍ ଚଳାଇ ଯାଆନ୍ତି, ତାହା ଦେଖିଲେ ମନେହୁଏ ସତେ ଯେମିତି ସେମାନେ ସୀମାନ୍ତରେ ଯୁଦ୍ଧ ରୋକିବାକୁ ଯାଉଛନ୍ତି, କିମ୍ବା ତାଙ୍କ ଘରେ ନିଆଁ ଲାଗିଯାଇଛି କିମ୍ବା ବାପାବୋଉଙ୍କ ହାର୍ଟ ଅଟକ ହୋଇଯାଇଛି । ପ୍ରକୃତରେ ଯାଉଥିବେ ଗୁଟଖା କିଣିବାକୁ । ଟ୍ରେନରେ ଚଢ଼ିବାକୁ ଓ ଓହ୍ଲେଇବାକୁ ସେମିତି କିଛି ଲୋକ ତରବର । ଆଚ୍ଛା, ଟ୍ରେନ କଥା ବୁଝିହେଉଛି, କାଳେ ଛାଡ଼ିଦେବ ! ଏରୋପ୍ଲେନ୍ ଲ୍ୟାଣ୍ଡ୍ କରିବା ମାତ୍ରେ ହିଁ କିଛିଲୋକ ସୀଟ୍‌ବେଲ୍ଟ ଖୋଲି ଏବଂ ହ୍ୟାଣ୍ଡ୍ ଲଗେଜ୍ କାଢ଼ି ଯେମିତି ତରବର ହୋଇ ଠିଆ ହୋଇପଡ଼ନ୍ତି; ସତେ ଯେମିତି ଠିଆ ହେବା ମାତ୍ରେ ତାଙ୍କ ପାଦ ତଳର କବାଟ ଖୋଲିଯିବ ଆଉ ସେ ସେଇବାଟେ ଗଳିଯାଇ ମୁହୂର୍ତ୍ତକ ମଧ୍ୟରେ ଲଗେଜ୍ ବେଲ୍ଟରୁ ନିଜ ଲଗେଜ୍ ନେଇ ଭୂମିକମ୍ପ ରୋକିବାକୁ ଚାଲିଯିବେ । ସେମିତି ତ ନୁହେଁ । ପ୍ଲେନରୁ ଜଣେ ନିର୍ଦ୍ଧାରିତ ସମୟରେ ହିଁ ଓହ୍ଲାଇବ । ତଥାପି ତୁଛାକୁ ତରବର ହେବେ । ସ୍ମାର୍ଟଫୋନ୍‌ରେ ଖୁବ୍ ଶୀଘ୍ର ମେସେଜ୍ ଲେଖିବାକୁ ଗଲାବେଳେ ଭୁଲ୍ କି-ବୋର୍ଡ ଅକ୍ଷର ଉପରେ ଆଙ୍ଗୁଠି ବାଜିଯିବାରୁ ଯେତେଥର ବ୍ୟାକ୍‌ସ୍ପେସ୍ ଦେବାକୁ ପଡ଼େ, ତା' ବଦଳରେ ଯଦି ଟିକେ ଧୀରେ ଲେଖିଥାନ୍ତି, ତେବେ ଅଧା ସମୟରେ ମୋର ପୂରା ବାକ୍ୟଟି ଲେଖା ହୋଇସାରନ୍ତାଣି । କିନ୍ତୁ ନା, ଆମେ ବାରମ୍ବାର ଭୁଲ୍ ଲେଖି ସମୟ ନଷ୍ଟ କରିବୁ ପଛେ ଟିକେ ସ୍ଥିର ମନରେ ଏକାଥରକେ ସଠିକ୍ ଟାଇପ୍ କରିବୁ ନାହିଁ ।

ଆଜିକାଲି ପୂଜା ସଂଖ୍ୟା (ପତ୍ରିକା) ଗୁଡ଼ିକର ଅବସ୍ଥା ମଧ୍ୟ ସେମିତି, ପୂଜାର ପ୍ରାୟ ଦେଢ଼ ମାସ ଆଗରୁ ପୂଜା ସଂଖ୍ୟା ବାହାରିଯାଉଛି । ପୂଜା ପାଇଁ କିଣାକଟା ପୂଜାର ଦି ମାସ ପୂର୍ବରୁ ଆରମ୍ଭ ହୋଇଯାଉଛି । ଏତେ ବ୍ୟସ୍ତତା କାହିଁକି ? କେହି ଜାଣନ୍ତି ନାହିଁ, କାହିଁକି ଏତେ ତରବର ? କାହିଁକି ଏତେ ବ୍ୟସ୍ତତା ? କେବଳ ଏତିକି ଜାଣନ୍ତି ଯେ 'ସେମାନେ' ଆଗ ବାହାର କରୁଛନ୍ତି ତେଣୁ ମୋତେ ମଧ୍ୟ କରିବାକୁ ହେବ । 'ସେମାନେ' ଆଗେ ଚାଲିଯିବେ ବୋଲି ଠିଆ ହୋଇପଡିଛନ୍ତି, ତେଣୁ ମୋତେ ବି ଆଗେ ଯିବାପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ସେମାନେ କିଏ? ଏହି 'ସେମାନେ' ହେଉଛନ୍ତି ଗୋଟିଏ ବୃତ୍ତ ଯାହାର ଆରମ୍ଭ କିମ୍ବା ଶେଷ ନାହିଁ, ଜଣେ ଅନ୍ୟ ଜଣକୁ ଦେଖି ଚାଲିଛନ୍ତି ଏବଂ ଦୌଡୁଛନ୍ତି ।

ଗୀତା ଦତ୍ତଙ୍କ ଗାଇଥିବା ସେହି ଗୀତଟି ମନେପଡ଼େ- ବାବୁଜୀ ଧୀରେ ଚଲ୍‌ନା, ପ୍ୟାର୍ ମେଁ ଜରା ସମ୍ଭଲନା... ବଡ଼େ ଧୋକେ ହେଁ ଇନ୍ ରାହୋଁ ମେଁ...ଏତେ ଦୌଡ଼ି ଦୌଡ଼ି ଯାଉଛନ୍ତି କୁଆଡ଼େ ଭାଇ ? କାହା ଆଗରେ ଯିବାକୁ ଚାହୁଁଛନ୍ତି? ଆପଣ ଯାହାକୁ ହରାଇବାକୁ ଚାହୁଁଛନ୍ତି, ସେ ମଧ୍ୟ କାହା ପଛରେ ଦୌଡୁଛନ୍ତି । ତାଙ୍କ ଆଗରେ ଥିବା ବ୍ୟକ୍ତି ମଧ୍ୟ ଆଉ କାହା ପଛରେ । ଏମିତି ଦଉଡ଼ି ଦଉଡ଼ି ଜୀବନ ସରି ଯାଉଛି ।

# ବଡ଼ ସଂକଟ

ସାହିତ୍ୟ ପାଇଁ 'ସାର୍ବଜନିକ କ୍ଷେତ୍ରର ସଂକୋଚନ' ଏକ ବଡ଼ ସାଂସ୍କୃତିକ-ସାମାଜିକ ସଙ୍କଟ । ଏ ବିଷୟରେ ରାଜ୍ୟ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୃଷିକେଶ ମଲ୍ଲିକ ତାଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଏକ ଚେତନା-ଉଦ୍ଦୀପକ ପୋଷ୍ଟ ଲେଖିଛନ୍ତି । ବୃହତ୍ତର ପାଠକ ସମାଜ ପାଖରେ ତାଙ୍କ କଥା ପହଞ୍ଚେଇବା ପାଇଁ ଏଠି ତାହା ଉଦ୍ଧାର କରୁଛି । ଓଡ଼ିଶାରେ ନିୟମିତ ମାସିକ ସାହିତ୍ୟ ପତ୍ରିକାର ସଂଖ୍ୟା ଏବେ ଖୁବ କମ । 'ଆସନ୍ତାକାଲି', 'ନବରବି', 'ଜୀବନରଙ୍ଗ' ମୃତ । ସମ୍ବଲପୁରରୁ ପ୍ରକାଶିତ 'ସମାସ', ଭଦ୍ରକରୁ ପ୍ରକାଶିତ 'ଗଳ୍ପଝର', ଭୁବନେଶ୍ୱରରୁ ପ୍ରକାଶିତ 'ଇସ୍ତାହାର', 'ସମାବେଶ' ଓ 'ପାଞ୍ଚଜନ୍ୟ' ଆଉ ବାହାରୁ ନାହିଁ । ଅନ୍ୟ ପତ୍ରିକାଗୁଡ଼ିକ ବର୍ଷ-ବିଆଣି, ବର୍ଷକୁ ଥରେ ଅଧେ ବାହାରେ । ତା ସଂଖ୍ୟା ବି ହାତ ଗଣତି । ତେବେ ଜଣେ ଲେଖକ ଲେଖିବ କେଉଁଠି? ପଢ଼ିବ କିଏ ଆଉ କିପରି ? ଏପରି ଗୋଟିଏ ଜାଗା ନାହିଁ, ଯେଉଁଠି ଲେଖକ-ପାଠକ ବସି ଆଲୋଚନା କରିପାରିବେ । ଏପରି ବହି-ବଜାର ନାହିଁ, ଯେଉଁଠିକି ଗଲେ ପାଠକ ସେ ଚାହୁଁଥିବା ବହିଟି ପାଇଯିବ ! ଧୀରେ ଧୀରେ ସଂକୁଚିତ ହେଇ ଆସୁଛି ସାହିତ୍ୟ ପାଇଁ ସାର୍ବଜନିକ କ୍ଷେତ୍ର । ସାହିତ୍ୟ ପାଇଁ ଏବେ ଓ ଆଗକୁ ବଡ଼ ସଂକଟ !



# ଫୁଲଚୋରି

ଏ ବିଷୟରେ ମୁଁ ଆଗରୁ କେଇଥର ଏ ସ୍ତମ୍ଭରେ ଲେଖିଛି । କିନ୍ତୁ ଫଳ କିଛି ହୋଇଥିବା ପରି ଦିଶୁନାହିଁ । ଆଗରୁ ଯେମିତି କିଛି ଲୋକ ସିନ୍ଦୁର ଫାଟିବା ପୂର୍ବରୁ ପର ବାଡ଼ି ବଗିଚା, ସର୍ବସାଧାରଣ ପାର୍କ, ଇତ୍ୟାଦିରୁ ଫୁଲ ଚୋରି କରୁଥିଲେ, ଏବେ ବି କରୁଛନ୍ତି । ଫରକ ହୋଇଛି - ଆଗରୁ ଏ କର୍ମଟି ମୁଖ୍ୟତଃ ପୁରୁଷ, ବିଶେଷ କରି ବୟସ୍କ ପୁରୁଷମାନେ କରୁଥିଲେ, ଏବେ ନାରୀ ସଶକ୍ତିକରଣ ହୋଇଛି - ନାରୀମାନେ ମଧ୍ୟ କରୁଛନ୍ତି । ଆଗରୁ କେବଳ ପାହାନ୍ତାରେ ଚୋରି ହେଉଥିଲା, ଏବେ ଦିନରାତି ଯେ କୋଣସି ସମୟରେ ହେଉଛି । ଆଗରୁ କେବଳ ଫୁଲ ଚୋରି କରୁଥିଲେ, ଏବେ କଢ଼ ସୁଦ୍ଧା ଛିଡ଼େଇ ନେଉଛନ୍ତି- ପାଣିରେ ପକେଇ ରଖିଦେଲେ ଫୁଟିଯିବ; ଫୁଲ ଫୁଟିବାକୁ ଅପେକ୍ଷା କଲେ କାଳେ ଆଉ କେହି ନେଇଯିବ ! ଆଗରୁ ଲୋକେ ଚାଲି ଚାଲି ଆସି ଫୁଲ ଚୋରି କରୁଥିଲେ, ଏବେ ଗାଡ଼ି ମଟରରେ ଆସି ନେଉଛନ୍ତି । ଏଥିରେ ଦିଟା ସୁବିଧା । ଏକ: ଚାଲିବାକୁ ପଡୁନି । ଦୁଇ: ଫୁଲ ହାତ ପାଆନ୍ତାରେ ନ ଥିଲେ ଗାଡ଼ି ଉପରେ ଚଢି ଫୁଲ ଆଣି ହେବ । ଆମ ଲୋକେ ବି ଅଜବ । ପର ବାଡ଼ିରୁ ଫୁଲ ଆଣିବା ପାଇଁ ଏତେ ମେହନତ କରିବେ, ନିଜ ଘରେ ଦିଟା ଫୁଲ ଗଛ ଲଗେଇବେ ନାହିଁ ।

# ଅଶୀ ଦଶକ




ଏବେ ଦେଖୁଛି ଅନେକ ଲୋକ ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଅଶୀ ଦଶକୀୟ ଶୈଳୀରେ ନିଜର ଫଟୋ ପୋଷ୍ଟ କରୁଛନ୍ତି । AI ସୌଜନ୍ୟରୁ ଏହା ଅତି ସହଜରେ ଏବଂ ଆପାତ ଦୃଷ୍ଟିରୁ ମାଗଣାରେ ହୋଇପାରୁଛି । ତେଣୁ ଅନେକେ ତାକୁ କରୁଛନ୍ତି ଆଉ ସାମାଜିକ ଗଣମାଧ୍ୟମ ମଞ୍ଚରେ ପୋଷ୍ଟ କରୁଛନ୍ତି । ଇଏ କରୁଛି, ସେ କରୁଛି, ବାର ଲୋକ କରୁଛନ୍ତି - ତେଣୁ ମୁଁ ବି କରେ । ଗୋଟେ ଖୁସି ଆଉ ! ପୋଷ୍ଟରେ ବେଶ କିଛି 'ଲାଇକ' ଆସୁଛି । ତାହା ଅଣୁଘୋଟକ ପରି କାମ କରୁଛି । ସାମାଜିକ ଗଣମାଧ୍ୟମରେ ମଝିରେ ମଝିରେ ଏମିତି ଗୋଟେ ହୁପା ଆସେ; ଇଂରାଜୀରେ ଯାହାକୁ ଭାଇରାଲ ଟ୍ରେଣ୍ଡ ବୋଲି କହୁଛନ୍ତି । ଆଉ ସମସ୍ତେ ସେଥିରେ ସାମିଲ ହେବାରେ ଲାଗନ୍ତି । ସାମାଜିକ ଗଣମାଧ୍ୟମ ଆଉ କୃତିମ ମେଧା (AI) ସୌଜନ୍ୟରୁ ଏଟା କ୍ରମଶଃ ବଢୁଛି । ଆଚ୍ଛା, ଗୋଟେ କଥା ମୁଁ ବୁଝିପାରୁନି, ହଠାତ ଅଶୀ ଦଶକ ଷ୍ଟାଇଲରେ ଫଟୋ କାହିଁକି? ପଚାଶ-ଷାଠିଏ ଦଶକ କି ତିରିଶ-ଚାଳିଶ ଦଶକ କାହିଁକି ନୁହେଁ? କେହି ଏ ବିଷୟରେ କିଛି ଆଲୋକପାତ କରିପାରିବେ ?



# ଭିନ୍ନ ଅନ୍ଦାଜ

ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଓ ତମନ୍ନା ଭାଟିଆଙ୍କ ଅଭିନୀତ ଆଗାମୀ ଆଡଭେଞ୍ଚର ଫାଣ୍ଟାସି ଫିଲ୍ମ 'ଦ ଭାନ୍: ଫୋର୍ସ ଅଫ୍ ଦ ଫରେଷ୍ଟ' ଆସନ୍ତା ସେପ୍ଟେମ୍ବର ୨୫ରେ ରିଲିଜ ହେବାକୁ ଯାଉଛି । ନିକଟରେ ଏହା ଟ୍ରେଲର୍ ରିଲିଜ ହୋଇଛି, ଯାହାକୁ ଦର୍ଶକ ଭଲପାଇବା ଦେଉଛନ୍ତି । ଦୀପକ କୁମାର ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ସିଦ୍ଧାର୍ଥ ନିଜ ଗାଁର ଲୋକକଥା ଓ ଅଲୌକିକ ଶକ୍ତିକୁ ବିଶ୍ୱାସ କରୁନଥିବା ଜଣେ ବ୍ୟକ୍ତି ଭୂମିକାରେ ନଜର ଆସୁଥିବା ବେଳେ, ସ୍ତ୍ରୀଙ୍କ ସହ ଗାଁକୁ ଫେରିବା ପରେ ଘଟୁଥିବା ବିଚିତ୍ର ଘଟଣାବଳୀକୁ ନେଇ କାହାଣୀ ଗତିଶୀଳ । ସୋଭା କପୁର, ଏକତା କପୁର, ଅରୁଣାଭ କୁମାର ଓ ନୀରଜ କୋଠାରୀଙ୍କ ପ୍ରଯୋଜିତ ଏହି ସିନେମାରେ ସୁନୀଲ ଗ୍ରୋଭର, ମନୀଷ ପଲ୍, ଶ୍ୱେତା ତିୱାରୀ ଓ ଅନୁପ ସୋନି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ସିଦ୍ଧାର୍ଥଙ୍କୁ ଏଥିରେ ଦର୍ଶକ ଏକ ଭିନ୍ନ ଅବତାରରେ ଦେଖିବାକୁ ପାଇବେ ବୋଲି ମେକର୍ସ ଆଶା ରଖିଛନ୍ତି । ସେହିଭଳି ଫିଲ୍ମଟି ଖୁବ ଭଲ ହେବବୋଲି ସେମାନ ମତ ଦେଇଛନ୍ତି ।



## ପସନ୍ଦ ଆସୁଛି ଟିଜର

ଅଭିନେତା ଅଧ୍ୟୟନ ସୁମନ ଏବଂ ଅଭିନେତ୍ରୀ ଦିବିତା ରାୟଙ୍କ ଆଗାମୀ ରୋମାଣ୍ଟିକ୍-ଡ୍ରାମା ଫିଲ୍ମ 'ମୈ ନା ରହା ମେରା'ର ଟିଜର୍ ନିକଟରେ ରିଲିଜ ହୋଇଛି । ତେବେ ଫିଲ୍ମଟି ଅକ୍ଟୋବର ୨୩, ୨୦୨୬ରେ ହଲକୁ ଆସିବାକୁ ଯାଉଛି । ଏହାପୂର୍ବରୁ ଟିଜରକୁ ମଧ୍ୟ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ଅମିତ କସାରିଆଙ୍କ ନିର୍ଦ୍ଦେଶିତ ଏବଂ ଧର୍ମେଶ ସଘାନୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ଟିଜର୍‌ରେ ପାହାଡ଼ିଆ ଦୃଶ୍ୟ, ବାଇକ୍ ଷ୍ଟଣ୍ଟ ସହ ଫିଲ୍ମର କାହାଣୀର ଝଲକ୍ ଦେଖିବାକୁ ମିଳିଛି । ଅଧ୍ୟୟନ ସୁମନଙ୍କ ଦ୍ୱାରା ନିର୍ମିତ ଏହି ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ରାହୁଲ ନାୟାର ଦେଇଥିବାବେଳେ ସ୍ୱରଦେଇଛନ୍ତି ଅରିଜିତ୍ ସିଂ । ଏହାର କାହାଣୀ ଠାରୁ ଗୀତ ସବୁ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମେକର୍ସ ଆଶା ରଖିଛନ୍ତି ।



## ଡିଭର୍ସ ସ୍ପେସାଲ

ସଲମାନ ଖାନ୍‌ଙ୍କ ଲୋକପ୍ରିୟ ଶୋ' 'ବିଗ୍ ବସ୍ ୨୦'କୁ ବର୍ତ୍ତମାନ ମିଳିଛି ଏକ ନୂଆ ନାଁ । ଚଳିତ ସିଜିନକୁ ଡିଭର୍ସ ସିଜିନର ଆଖ୍ୟା ମିଳିଛି । ଏଥିରେ ଭାଗନେଇଥିବା ପ୍ରତିଯୋଗୀଙ୍କ ଭିତରେ ଏକାଧିକ ଜଣ ଡିଭର୍ସ ମହିଳା ଥିବାରୁ ଏଭଳି ନାମ କରଣ ହୋଇଛି । ତେବେ ଘରର ୧୬ ଜଣ ସଦସ୍ୟଙ୍କ ମଧ୍ୟରୁ ଅଭିନେତ୍ରୀ ମାହୀ ବିଜ୍, ଇଶା ରିଖି ଏବଂ ବିଶିଷ୍ଟ ବକ୍ସର ମେରୀ କମ୍‌ଙ୍କ ମଧ୍ୟରେ ହୋଇଥିବା ଏକ କଥାବାର୍ତ୍ତା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ତିନି ପ୍ରତିଯୋଗୀଙ୍କର ନିକଟରେ ବିବାହ ବିଚ୍ଛେଦ ହୋଇଛି । ସେହିଭଳି ଏହି କଥାବାର୍ତ୍ତାରେ ମଧ୍ୟ ନିଜେ ମାହି ବିଜ ଏହାକୁ 'ଡିଭର୍ସି ସ୍ପେଶାଲ୍ ସେକେଣ୍ଡ ଇନିଂସ ବୋଲି ସମ୍ବୋଧନ କରିଛନ୍ତି ।



## ଡରାଇବେ ଆହାନ

ଫିଲ୍ମ ନିର୍ମାତା ବିକ୍ରମ ଭଟ୍ଟଙ୍କ ଆଗାମୀ ହରର୍-ସୁପରନ୍ୟାଚୁରାଲ୍ ଫିଲ୍ମ '୧୯୨୦: କୋଲ୍ଡ ୱିଣ୍ଟର' ଜରିଆରେ ଅଭିନେତା ଆହାନ ଶେଟ୍ଟୀ ପ୍ରଥମ ଥର ପାଇଁ ହରର୍ ଜୋନରରେ ନିଜର ଭାଗ୍ୟ ପରଖିବାକୁ ଯାଉଛନ୍ତି । 'ବର୍ଡର ୨'ର ବଡ଼ ସଫଳତା ପରେ ଆହାନଙ୍କୁ ନିକଟରେ ବିକ୍ରମ ଭଟ୍ଟଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା । ଯାହା ପରେ ଏହି ଚର୍ଚ୍ଚିତ ଫ୍ରାଞ୍ଚାଇଜିକୁ ନେଇ ସୂଚନା ସାମ୍ନାକୁ ଆସିଛି । ୨୦୨୬ ଶେଷ ସୁଦ୍ଧା ଅର୍ଥାତ୍ ଡିସେମ୍ବର ମାସରେ ଏହି ସିନେମାର ସୁଟିଂ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ ଆହାନଙ୍କ ସହ ଅଭିନେତ୍ରୀ ଅନାୟା ସିଂ ମୁଖ୍ୟ ଭୂମିକାରେ ନଜର ଆସିବେବୋଲି ଚର୍ଚ୍ଚା ହେଉଛି । 'ବର୍ଡର ୨' ପରେ ଆହାନ ଏବଂ ଅନୟାଙ୍କର ଏହା ଦ୍ୱିତୀୟ ପ୍ରୋଜେକ୍ଟ ହୋଇଥିବା ବେଳେ ବିକ୍ରମ ଭଟ୍ଟଙ୍କ ନିର୍ଦ୍ଦେଶନାରେ ଦର୍ଶକ ଏକ ଭିନ୍ନ ସ୍ୱାଦର ହରର୍ ଅନୁଭୂତି ପାଇବେ ବୋଲି ଆଶା କରାଯାଉଛି ।



## ୨୦୦ ଟେକ୍ ପରେ 'ଓକେ'

ରଣବୀର କପୁର ଏବଂ ୟଶଙ୍କ ଅଭିନୀତ ବହୁପ୍ରତୀକ୍ଷିତ ପୌରାଣିକ ଫିଲ୍ମ 'ରାମାୟଣ'ର ପ୍ରଥମ ଭାଗ ୨୦୨୬ ଦୀପାବଳିରେ ମୁକ୍ତିଲାଭ କରିବାକୁ ଯାଉଛି । ତେବେ ଏହାର ନୂଆ ଗୀତ 'ଜୟ ଜୟ ରାମ'କୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଗଣେଶ ଚତୁର୍ଥୀ ଅବସରରେ ମୁକ୍ତିଲାଭ କରିଥିବା ଏହି ଗୀତକୁ ସ୍ୱରରେ ସଜାଇଛନ୍ତି ଅରିଜିତ୍ ସିଂ । ତେବେ ଏହି ଗୀତଟିକୁ ଗାଇବା ପାଇଁ ସେ ପାଖାପାଖି ୨୦୦ ଥର ଟେକ୍ ନେଇଥିବା ଜଣାପଡ଼ିଛି । ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏବଂ ନମିତ ମାଲହୋତ୍ରାଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ରଣବୀର କପୁର ପ୍ରଭୁ ଶ୍ରୀରାମ, ସାଇ ପଲ୍ଲବୀ ମାତା ସୀତା, ୟଶ ରାବଣ ଏବଂ ସନି ଦେଓଲ ହନୁମାନଙ୍କ ଭୂମିକାରେ ନଜର ଆସିବେ । ଏହି ଗୀତଟିକୁ ଏଆର ରେହମାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଡଃ କୁମାର ବିଶ୍ୱାସ ଏହାର ରଚନା କରିଛନ୍ତି ।





# ଅକଲ ମକଲ...

ଅକଲ ମକଲ ଟକଲ ଟୁଆଁ
ମାଆ କରିଦେବେ ଛତୁଆ ମୁଆଁ
ଖାଇ ସାରି କୁନା ପାଠ ପଢିବ
ପାଠ ପଢି ବଡ଼ ହାକିମ ହେବ ॥
ଲାଉ ଧୁଡୁକି ଲୋ ଲାଉ ଧୁଡୁକି
କୁନା ଯିବ କାଲି ମାମୁ ବାଡିକି
ଆଈ ବସିଥିବେ ବାଟ ତା ଚାହିଁ
କ୍ଷୀରି ପୁରି କରିଦେବେ ତା ମାଇଁ ॥
ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ବାପା ଆଣି ଦେବେ ସୁନ୍ଦର କଇଁ
କଇଁ ଧରି ଆମ ଖେଳିବ କୁନା
କାନ୍ଦ ନାହିଁ ଆଉ ମୋ ବାବୁ ସୁନା ॥
ନିଦ ମାଉସୀ ଲୋ ନିଦ ମାଉସୀ
ନ ଶୋଇ କୁନା ମୋ କାନ୍ଦୁଛି ବସି
ଆସ ଟିକେ ତାକୁ କରିବ ଗେଲ
କୋଳରେ ଶୁଆଇ ମାରିବି ତେଲ ॥
ମିଆଁଉ ମିଆଁଉ ମିଆଁଉ ପୁସୀ
ଆଣି ଦେବି ତତେ ସରଗ ଶଶୀ
କର ନା ଅଝଟ ବୁଝି ଯା ଧନ
ଜେଜେ ମାଗିଲେଣି ବଟୁଆ ପାନ ॥
କୁଉ କୁଉ କୁଉ କଜ୍ୱଳ ପାତି
ନାତିଆ ଟୋକାଟା ଚଢ଼ିବ ହାତୀ
ଶୁଣି ଜେଜେ କଥା ହସିଲା କୁନା
ଜେଜେମା ଜାଚିଲେ ଲବଣି ଗିନା ॥

**ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

# ଖୁସି ହୋଇବେ ମାଆ

ଆସରେ ଆସ ଆଗେଇ ଆସ
ପଢ଼ିବା ସବୁ ବସି
ସଭିଙ୍କ ମନେ ଖୁସି ଭରିବା
ଆମେତ ହସି ହସି ॥
ସମୟ ହେଲେ ଚାହାଲୀ ଯିବା
ବହି ବସ୍ତାନି ଧରି
କରିବା ପାଠ ଗୁରୁଜୀ ଦେଲେ
ଯିବାନି କେବେ ଡରି ॥
ଖେଳିବା ଖେଳ ବାଜିଲେ ଘଣ୍ଟି
ସାଙ୍ଗସାଥିଙ୍କ ମେଳେ
ଭାବିବା ନାହିଁ ଖେଳ କଥାକୁ
ଆମେ ପଢ଼ିଲା ବେଳେ ॥
ପଢ଼ିବା ସହ କରିବା ସେବା
ଦେଖିଲେ ଦୁଃଖି ରଙ୍କି
ରଖିବା କଥା କହିବା ଯାହା
ଦବାନି କାରେ ଠକି ॥
ଭଲ ମଣିଷ ହୋଇଲେ ଆମେ
ଖୁସି ହୋଇବେ ମାଆ
ଶରଧା ଭରେ କୋଳେଇ ନେବେ
ଡାକିବେ ଧନ ଆ ଆ ॥

**ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ନନ୍ଦିପୁର, ଦଶରଥପୁର,
ଯାଜପୁର
ମୋ: ୯୪୩୭୮ ୬୫୭୨୭

# ଭୋଦୁଅ ଆସିଛି ଧରାକୁ

ଶିରାବଣ ଏବେ ବିଦାୟ ନେଇଛି
ଭୋଦୁଅ ଧରାକୁ ଆସିଛି
ଥମି ଯାଇଅଛି ବରଷାର ଧାରା
ଆକାଶ ସୁତୁରା ଦିଶୁଛି ।।
ବଢ଼ିଲା ନଈର ପ୍ରକୋପ କମିଛି
ସୁଅ କାଟେ ନାହିଁ ଭଉଁରୀ
ନାହିଁ ଡର ଆଉ ଜୀବ ଜନ୍ତୁଙ୍କର
ନିଜ ଘର ନେଲେ ଆଦରି ।।
ଲଗାଣ ବରଷା ଜନଜୀବନକୁ
କରୁ ନାହିଁ ଆଉ ଉଚ୍ଛନ୍ନ
ସବୁରି ମନରେ ପ୍ରକୃତି ବିଞ୍ଚଇ
ସତେ କି ଆଶାର କିରଣ ।।
ଦେହକୁ ଲାଗଇ ଖରା ଚାଇଁ ଚାଇଁ
ଆକାଶେ ହସଇ ସୁରୁଜ
ଗୋଧୂଳି ପହରେ ଦୂର ଦିଗନ୍ତରେ
ଆଙ୍କିଦିଏ ଖୁସି ମୁରୁଜ ॥
କାଶତଣ୍ଡୀ ଏବେ ଦୃଶ୍ୟ ହୋଇଲାଣି
ନଈ କୂଳ, ପଥଧାରରେ
ଖୁଦୁରୁକୁଣୀ ଯେ ପୂଜା ପାଇଲେଣି
ପ୍ରତି ରବିବାର ଦିନରେ ॥
କୃଷ୍ଣ ଜନ୍ମାଷ୍ଟମୀ ନୂଆଖାଇ ପର୍ବ
ଆସିଲା ଭୋଦୁଅ ଆଗତେ
ବିରାଜିବେ ପୁଣି ପ୍ରଭୁ ବିଶ୍ୱକର୍ମା
ଗଜାନନ ପୂଜା ପଶ୍ଚାତେ ॥
ରାତି ଆକାଶରେ ତାରା ମେଳେ ଜହ୍ନ
ଦିଶେ ସତେ କେଡ଼େ ସୁନ୍ଦର
ଭୋଦୁଅ ଆସିଛି ବରଷକ ପରେ
କରିବାରେ ତାକୁ ଆଦର ॥

**ସୁଦର୍ଶନ ମହାପାତ୍ର**
କୁଞ୍ଜବିହାରୀ ଲେନ, କଟକ
୯୪୩୮୧୭୫୫୪୨

# ଧ୍ୟାନ ଯୋଗ ବଳେ

ପାଠ ପଢାରେ ନ ଥାଏ କେବେ
ଏକାଗ୍ର ମନ ଯା'ର
ଘୂରିବୁଲଇ ଇଆଡ଼େ ସିଆଡେ
ଚଗଲା ମନ ତା'ର ॥
ମାନଟି ଯା'ର ହୁଅଇ ଥିର
ଧ୍ୟାନ ଯୋଗ ବଳେ
ମନେ ରହଇ ପାଠ ତାଆର
ଡର ନ ଥାଏ ହେଲେ ॥
ରହିବା ଯଦି କିଛି ସମୟ
ଧ୍ୟାନ ମନେ ଆମେ
ପରୀକ୍ଷା ବେଳେ ପଢା ପାଠଟି
ଆସିବ ଆମ କାମେ ॥
ସ୍ଥିର ହୋଇକି ପଢିଲା ବେଳେ
ଭାଙ୍ଗିଲେ କା'ର ଧାନ
ଧୀରେ ନିଶ୍ୱାସ ପ୍ରାଶ୍ୱାସେ ତା'ର
ଫେରଇ ସ୍ଥିରମନ ॥
ଧ୍ୟାନ ବଳେ ଚଞ୍ଚଳ ମନ
ହୁଅଇ ପରା ଶାନ୍ତ
ଦି' ତିନି ମିନିଟ ଅଭ୍ୟାସ କଲେ
ଏକାଗ୍ର ହୁଏ ଚିତ୍ତ ॥

**ନଗେନ୍ଦ୍ର ନାଥ ପଟ୍ଟନାୟକ**
ଓଙ୍କାର ସିଟି , ଭୁବନେଶ୍ୱର
ମୋ: ୯୪୩୮ ୩୩୨୧୩୮

# ପ୍ୟାକେଟରେ ଦେଲେ ଗଳେଇ

ସୁକୁଟା ମାଗିଲା ବାପାକୁ ତାହାର
ପାଞ୍ଚୋଗୋଟି ଟଙ୍କା ମାତର
ଖାଇବା ଛୁଟିରେ ଘୁଗୁନି ଖାଇବ
ସବୁ ପିଲା ପରି ଏଥର ॥
ବାପାଙ୍କୁ କହିଲା ସାଙ୍ଗ ପିଲାମାନେ
ସବୁଦିନ ଖାଉ ଅଛନ୍ତି
କାନ୍ଥକଡେ ମୋତେ ଠିଆ ହେବା ଦେଖି
ଦେଖେଇ, ଖଦେଇ ହୁଅନ୍ତି ॥
କେବେ ତ ତୁମକୁ ମାଗିନାହିଁ କିଛି
ଆମୋଦ ପ୍ରମୋଦ ପାଇଁକି
ଇସ୍କୁଲରୁ ନିତି ଫେରି ଆସୁଅଛି
ପାଣି ବୁନ୍ଦେବୁନ୍ଦେ ପିଇକି ॥
ଥରୁଟିଏ ମୋତେ ଦେଇଥାଅ ବାପା
ମାଗିବିନି ଆଉ ଥରକୁ
ଏଇବର୍ଷ ସେଠି ପଢ଼ା ସରିଗଲେ
ସୁଯୋଗ ନ ଥିବ ଆଗକୁ ॥
ଅବସୋସ ହୋଇ ରହିଯିବ ମୋର
ଇସ୍କୁଲ ଜୀବନ କାଳରେ
ପରେ ଯାହାଦେଲେ ଖିରି, ପୁରି, ମିଠା
ଲାଗିବନି କିଛି କାମରେ ॥
ବାପା କହିଲେ ତୁ ଦଶ ବରଷରେ
ଯେତେ ଶୃଙ୍ଖଳିତ ହୋଇବୁ
ସେହି ସବୁ ଦୁଃଖ, କଷ୍ଟ, କର୍ମଫଳ
ଦିନେନା ଦିନ ତୁ ପାଇବୁ ॥
ଆଖିଲୁହ ପୋଛି ଗାମୁଛାରେ ବାପା
ସକୁଟାକୁ ନେଲେ କୋଳେଇ
ନୂଆ ଚକଚକ ଶହେ ଟଙ୍କାଟିଏ
ପ୍ୟାକେଟରେ ଦେଲେ ଗଳେଇ ॥

**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯ ୯୦୩୮



ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର

# ଏମଡିଆର




**ନିକଟରେ ଘୋଷଣା ହୋଇଥିବା ଏମ୍‌ଡିଆର ଖୁବ ଚର୍ଚ୍ଚାରେ ରହିଛି । ତେବେ ଏହାକୁ ନେଇ ଅନେକ ଦ୍ୱନ୍ଦ୍ୱ ମଧ୍ୟ ଦେଖିବାକୁ ମିଳୁଛି । ଆସନ୍ତୁ ଜାଣିବା କ'ଣ ଏହି ନିୟମ, ଏହାର ନୂତନ ଶୁଳ୍କ ଢାଞ୍ଚା ଏବଂ ପ୍ରଭାବ ସମ୍ପର୍କରେ...**

**ନ୍ୟା**ସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ମଙ୍ଗଳବାର ଏକ ନୂଆ ଫ୍ରେମୱାର୍କ ଜାରି କରିଛନ୍ତି । ଏହା ଅଧୀନରେ ୨ ହଜାରରୁ ଅଧିକର ୟୁନିଫାଇଡ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) କାରବାର ଉପରେ ୦.୪ ପ୍ରତିଶତ ମର୍ଚାଣ୍ଟ ଡିସକାଉଣ୍ଟ ରେଟ (ଏମଡିଆର) ଲାଗିବ। କିନ୍ତୁ ୭୫ ହଜାର ଟଙ୍କାରୁ ଅଧିକ ରାଶିର ପେମେଣ୍ଟ ପାଇଁ ଶୁଳ୍କର ସର୍ବାଧିକ ସୀମା ୩୦୦ ଟଙ୍କା ପ୍ରତି କାରବାର ସ୍ଥିର କରାଯାଇଛି। ୟୁପିଆଇ ଜରିଆରେ ମାସକୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ନେଉଥିବା ଛୋଟ ଦୋକାନୀଙ୍କ ଉପରେ କୌଣସି ଅତିରିକ୍ତ ଶୁଳ୍କ ଲାଗିବ ନାହିଁବୋଲି ସ୍ପଷ୍ଟ କରାଯାଇଛି । ରେଳବାଇ, ବୀମା, ସଞ୍ଚାର ଏବଂ ଜାଳେଣି ଭଳି ସେବା ପାଇଁ ୨,୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ଉପରେ କେବଳ ପାଞ୍ଚ ଟଙ୍କାର ଫ୍ଲାଟ ଶୁଳ୍କ ଲାଗିବ।

## ଏମ୍‌ଡିଆର କ'ଣ

ଏମଡିଆର ହେଉଛି ଏକ କ୍ଷୁଦ୍ର ଶୁଳ୍କ, ଯାହା ଦୋକାନୀମାନେ ବ୍ୟାଙ୍କ ଏବଂ ପେମେଣ୍ଟ କମ୍ପାନୀଗୁଡ଼ିକୁ ସେତେବେଳେ ଦିଅନ୍ତି ଯେତେବେଳେ ଜଣେ ଗ୍ରାହକ ଡିଜିଟାଲ୍ ପେମେଣ୍ଟ କରନ୍ତି । ଗ୍ରାହକ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ମାଧ୍ୟମରେ ଦୋକାନୀଙ୍କୁ ଟଙ୍କା ପେମେଣ୍ଟ କରନ୍ତି, ଏବଂ ଦୋକାନୀ ପେମେଣ୍ଟ ପ୍ରୋଭାଇଡରଙ୍କୁ ଏକ ପ୍ରୋସେସିଂ ଫି' ପ୍ରଦାନ କରନ୍ତି । ଉଦାହରଣ ସ୍ୱରୂପ, ୨୦୦୦ ଟଙ୍କାର କାରବାର ଉପରେ ୦.୪ ପ୍ରତିଶତ ଏମଡିଆର ଅନୁସାରେ ୮ ଟଙ୍କା ହୋଇଥାଏ । ଏହାର ପରିଶୋଧ ଦୋକାନୀ ବ୍ୟାଙ୍କ କିମ୍ବା ପେମେଣ୍ଟ ପ୍ରୋଭାଇଡରଙ୍କୁ କରିବେ, କିନ୍ତୁ ଗ୍ରାହକମାନେ ପୂର୍ବପରି ୟୁପିଆଇର ବ୍ୟବହାର ମାଗଣାରେ କରିପାରିବେ।

## ୟୁପିଆଇର ନୂଆ ନିୟମ

ଏନପିସିଆଇ ମଙ୍ଗଳବାର ଏହି ସୂଚନା ଦେବା ପରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିସ୍ତୃତ ଦିଗଦର୍ଶନ ଜାରି କରାଯାଇଛି । ଏଥିରେ କୁହାଯାଇଛି, 'ସାଧାରଣ ଗ୍ରାହକ ବିନା କୌଣସି ଅତିରିକ୍ତ ବୋଝରେ ପେମେଣ୍ଟ କରିବା ଜାରି ରଖିବେ । ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଅଧିକାଂଶ କାରବାର ଶୁଳ୍କମୁକ୍ତ ରହିବ । ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ 'ଜରୁରୀ ସେବାଗୁଡ଼ିକ ଉପରେ ସରକାର ଶୁଳ୍କ କମ୍ ରଖିଛନ୍ତି । ରେଳବାଇ, ଟେଲିକମ, ବୀମା, ଜାଳେଣି ଏବଂ କୃଷି ଇନପୁଟ ଭଳି ବର୍ଗଗୁଡ଼ିକରେ ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ କେବଳ ପାଞ୍ଚ ଟଙ୍କାର ଫ୍ଲାଟ ଏମଡିଆର ଲାଗିବ। ଏହାର ଉଦ୍ଦେଶ୍ୟ ହେଉଛି ସାର୍ବଜନୀନ ସେବା ଏବଂ କମ୍ ମାର୍ଜିନ ଥିବା ବ୍ୟବସାୟରେ ଖର୍ଚ୍ଚ ଯେପରି ନ ବଢ଼େ । ମ୍ୟୁଚୁଆଲ ଫଣ୍ଡ, ସିକ୍ୟୁରିଟିଜ, ଷ୍ଟକ ବ୍ରୋକର ଏବଂ ଡିଲରଙ୍କୁ ଦିଆଯାଉଥିବା ପେମେଣ୍ଟ ଉପରେ ୦.୦୨ ପ୍ରତିଶତର ସାମାନ୍ୟ ଏମଡିଆର ଲାଗିବ। ଏହାର ସର୍ବାଧିକ ସୀମା ୩୦୦ ଟଙ୍କା ରହିବବୋଲି ଘୋଷଣା କରାଯାଇଛି।




## ମଜବୁତ ହେଉଛି ଗ୍ରାହକ ସୁରକ୍ଷା ବ୍ୟବସ୍ଥା

କମ୍ପାନୀଗୁଡ଼ିକ ଗ୍ରାହକଙ୍କ ଉପରେ ଏମଡିଆରର ବୋଝ ପକାଇବେ କି ନାହିଁ, ସରକାର କିମ୍ବା ଏନପିସିଆଇ ସେ ନେଇ କୌଣସି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି । ଅର୍ଥ ମନ୍ତ୍ରଣାଳୟ କହିଛନ୍ତି, 'ଗ୍ରାହକଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରାଯାଉଛି । ୟୁପିଆଇ ଆପ ଚଲାଉଥିବା କମ୍ପାନୀଗୁଡ଼ିକ ପ୍ଲାଟଫର୍ମ ଶୁଳ୍କ କିମ୍ବା କୌଣସି ଲୁକ୍କାୟିତ ଶୁଳ୍କ ଲଗାଇପାରିବେ ନାହିଁ । ବ୍ୟବସାୟୀମାନେ ଯେପରି ଏମଡିଆରର ବୋଝ ଗ୍ରାହକଙ୍କ ଉପରେ ନ ପକାନ୍ତି, ସେଥିପାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଛି । ସାଧାରଣ ବ୍ୟବହାରକାରୀଙ୍କ ପାଇଁ ମାଗଣା ୟୁପିଆଇ ଉପରେ କୌଣସି ମାସିକ କୋଟା, ପରିମାଣ ସୀମା କିମ୍ବା ସ୍ଲାବ ରହିବ ନାହିଁ। ବ୍ୟାଙ୍କ ଏବଂ ଏନପିସିଆଇ ପକ୍ଷରୁ ଲାଗୁଥିବା ଦୈନିକ ସୀମା ବର୍ଗ ଅନୁସାରେ ଏକରୁ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଆଦାୟ କରିବାର ମାଧ୍ୟମ ନୁହେଁ। ଏମଡିଆରର ନୂଆ ବ୍ୟବସ୍ଥା ଦ୍ୱାରା ପ୍ରାୟ ୯୫ ପ୍ରତିଶତ ଛୋଟ ୟୁପିଆଇ କାରବାର ପ୍ରଭାବିତ ହେବନାହିଁ । ଛୋଟ ବ୍ୟବସାୟୀ ଏବଂ ଛୋଟ ବଜାରଗୁଡ଼ିକରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଲଗା ଫଣ୍ଡ ଗଠନ କରିବାକୁ ମଧ୍ୟ ଘୋଷଣା କରାଯାଇଛି । ଏହା ସହିତ ସଂସ୍ଥାର ଦାବି ଯେ ନୂଆ ଶୁଳ୍କ ଲାଗିବା ସତ୍ତ୍ୱେ ୟୁପିଆଇ ଅନ୍ୟ ପ୍ରଚଳିତ ଡିଜିଟାଲ ପେମେଣ୍ଟ ସୁବିଧା ଯେପରିକି ଡେବିଟ ଓ କ୍ରେଡିଟ କାର୍ଡ ଏବଂ ୱାଲେଟ ତୁଳନାରେ ଶସ୍ତା ରହିବ। ସେହିଭଳି ବିଶ୍ୱର ଅନେକ ଦେଶ ଏହି ପ୍ରକ୍ରିୟାକୁ ପୂର୍ବରୁ ଗ୍ରହଣ କରିଥିବା ଜଣାପଡିଛି ।



**ନିକଟରେ ପ୍ରକାଶ ପାଇଥିବା ସର୍ଭେ ରିପୋର୍ଟରେ ଓଡ଼ିଶାର ୬ଟି ଜିଲ୍ଲାର ପିଲାଙ୍କର ମେଦବହୁଳତା ବଢିବାରେ ଲାଗିଛି । ଯାହା ବର୍ତ୍ତମାନ ସାରା ରାଜ୍ୟରେ ଚିନ୍ତାର ବିଷୟ ପାଲଟିଛି । ଏତେ କମ ବୟସରେ କାହିଁକି ଏ ପରିସ୍ଥିତି ଉପୁଜେ ତାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି ।**

# ମେଦ ବହୁଳତା

୨୦୨୩ ଓ ୨୦୨୪ରେ ହୋଇଥିବା ନ୍ୟାସନାଲ ଫ୍ୟାମିଲି ହେଲ୍ଥ ସର୍ଭେର ରିପୋର୍ଟ ଅନୁସାରେ ଓଡ଼ିଶାର ୬ଟି ଜିଲ୍ଲାରେ ଶିଶୁଙ୍କ କ୍ଷେତ୍ରରେ ମେଦବହୁଳତା ଖୁବ ଖୀପ୍ରଗତିରେ ବଢିବାରେ ଲାଗିଛି । ରିପୋର୍ଟ ଅନୁସାରେ ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ,କଳାହାଣ୍ଡି, ନୟାଗଡ, ରାୟଗଡା ସାମିଲ ରହିଛି । ଏଠାରେ ଶିଶୁଙ୍କ ଭିତରେ ମେଦ ବହୁଳତା ଧୀରେଧୀରେ ବଢୁଥିବା ଗବେଷଣାରେ ଜଣାପଡିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଖୋର୍ଦ୍ଧାରେ ଏହା ସବୁଠାରୁ ଅଧିକ ୩.୩ ପ୍ରତିଶତରୁ ବୃଦ୍ଧି ପାଇ ୫.୨ ପ୍ରତିଶତ ହୋଇଥିବା ବେଳେ ପୁରୀରେ ୩.୮ ପ୍ରତିଶତରୁ ୪.୮ ପ୍ରତିଶତ, ନୟାଗଡ଼ରେ ୨.୯ରୁ ୩.୩ ପ୍ରତିଶତ, ସୁନ୍ଦରଗଡ଼ରେ ୧.୨ରୁ ୨.୯ ପ୍ରତିଶତ ଏବଂ ରାୟଗଡ଼ାରେ ୦.୬ରୁ ୧.୨ ପ୍ରତିଶତକୁ ବୃଦ୍ଧି ପାଇଛି । କୌଣସି ସମୟରେ ଅନାହାର ଓ ବ୍ୟାପକ ଅପପୁଷ୍ଟି ପାଇଁ ଚର୍ଚ୍ଚାରେ ଥିବା କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଏହି ସଂଖ୍ୟା ୨.୧ ପ୍ରତିଶତରୁ ୨.୫ ପ୍ରତିଶତକୁ ବୃଦ୍ଧି ପାଇଛି । ତେବେ କେବଳ ଓଡ଼ିଶା ନୁହେଁ ସାରା ଭାରତରେ ଏହି ସମସ୍ୟା ଦେଖିବାକୁ ମିଳୁଛି । 'ୱାର୍ଲ୍ଡ ଓବେସିଟି ଫେଡେରେସନ୍' ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୭%ରୁ ୯% ଶିଶୁ ଓ କିଶୋର-କିଶୋରୀ ମେଦବହୁଳତାର ଶିକାର ହୋଇଛନ୍ତି । ସହରାଞ୍ଚଳରରେ ଏହି ହାର ୩୫% ରୁ ୪୦% ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି । ଏହି ରିପୋର୍ଟ ଅନୁସାରେ ଯଦି ତୁରନ୍ତ କୌଣସି ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ୨୦୪୦ ମସିହା ସୁଦ୍ଧା ଭାରତରେ ମେଦବହୁଳତା ଶିଶୁଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ।



## କାରଣ

- ସୁରକ୍ଷା ଓ ସ୍ଥାନାଭାବ ଯୋଗୁଁ ବାହାରେ ଖେଳକୁଦ କମିବା, ମୋବାଇଲ୍ ବା ଟିଭିର ଅଧିକ ସ୍କ୍ରିନ୍ ଟାଇମ୍ ।
- ପାରମ୍ପରିକ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ପରିବର୍ତ୍ତେ ଅତ୍ୟଧିକ ପ୍ରସେସଡ୍ ସ୍ନାକ୍ସ, ଫାଷ୍ଟଫୁଡ୍ ଏବଂ ଶର୍କରାଯୁକ୍ତ ପାନୀୟର ବ୍ୟବହାର ବୃଦ୍ଧି ପାଇବା ।
- ଉଭୟ ପିତାମାତା ଚାକିରିଆ ହୋଇଥିବାରୁ ତୁରନ୍ତ ପ୍ରସ୍ତୁତ ଖାଦ୍ୟ ଉପରେ ନିର୍ଭରଶୀଳତା, ଏହା ସହିତ ପାରିବାରିକ ସ୍ୱାସ୍ଥ୍ୟ ଇତିହାସ ଓ ବଂଶଗତ କାରଣ ।

## ସ୍ୱାସ୍ଥ୍ୟଗତ ସମସ୍ୟା

- କମ୍ ବୟସରୁ ଶିଶୁମାନେ ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ଉଚ୍ଚ ଟ୍ରାଇଗ୍ଲିସରାଇଡ୍ସ ଏବଂ ନନ୍-ଆଲକୋହୋଲିକ୍ ଫ୍ୟାଟି ଲିଭର ଭଳି ସମସ୍ୟାର ସାମ୍ନା କରୁଛନ୍ତି ।
- ଶରୀରର ଓଜନ ଯୋଗୁଁ ଏହି ଶିଶୁମାନେ ପ୍ରାୟତଃ ସାମାଜିକ କଟାକ୍ଷ, ଚିଡ଼ାଯିବା, ଆତ୍ମବିଶ୍ୱାସର ଅଭାବ ଏବଂ ମାନସିକ ଚିନ୍ତା ବା ଆଂଜାଇଟିର ଶିକାର ହୋଇଥାନ୍ତି ।

## ସମାଧାନ

- ଘରେ ତିଆରି ସନ୍ତୁଳିତ ଆହାରକୁ ପ୍ରୋତ୍ସାହିତ କରିବା ଏବଂ ଘର ଓ ବିଦ୍ୟାଳୟ ପରିବେଶରେ ଜଙ୍କ ଫୁଡ୍‌ର ସହଜ ଉପଲବ୍ଧତାକୁ କମାଇବା ।
- ଦୈନନ୍ଦିନ ବାହାରେ ଖେଳକୁଦକୁ ଉତ୍ସାହିତ କରିବା ଏବଂ ମନୋରଞ୍ଜନମୂଳକ ସ୍କ୍ରିନ୍ ଟାଇମ୍‌କୁ ସୀମିତ ରଖିବା ।
- ଶିଶୁଙ୍କୁ ଲକ୍ଷ୍ୟ କରି କରାଯାଉଥିବା ଜଙ୍କ ଫୁଡ୍ ବିଜ୍ଞାପନ ଉପରେ କଡ଼ା କଟକଣା, ପ୍ୟାକେଟ୍ ଖାଦ୍ୟ ଉପରେ ସ୍ପଷ୍ଟ ପୋଷଣ ସୂଚନା ଏବଂ ଉତ୍ତମ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ବିଶେଷଜ୍ଞମାନେ ମତ ଦେଇଛନ୍ତି ।





# ବୁଦ୍ଧିଆ ହରି

**ଆଈମାଙ୍କ ପେଡିରେ ଭୁତ କଥାଠାରୁ ଆରମ୍ଭ କରି ମଜାଳିଆ କଥା ସମସ୍ତ ପ୍ରକାରର ଭିନ୍ନ କଥା ଶୁଣିବାକୁ ଥାଏ । ଅନେକ ଭୁତ କଥାରେ ମଧ୍ୟ ଜୀବନର ଅନେକ ନୀତିଶିକ୍ଷା ଲୁଚି ରହିଥାଏ, ସେହିଭଳି ଏକ ଗପ ହେଲା ବୁଦ୍ଧିଆ ହରି ।**

ଅନେକ ଦିନ ତଳର କଥା । ଗୋଟିଏ ଶାନ୍ତ ଓ ସୁନ୍ଦର ଗାଁରେ ହରି ନାମକ ଜଣେ ଗରିବ କାଚ ବିକାଳି ତା'ର ସ୍ତ୍ରୀ, ଛୋଟ ପୁଅ ଏବଂ ଗୃହପାଳିତ ପଶୁମାନଙ୍କ ସହ ଅତ୍ୟନ୍ତ ଖୁସିରେ ରହୁଥିଲା । ପ୍ରତିଦିନ ସକାଳୁ ପଖାଳ ଗଣ୍ଡିଏ ଖାଇ ସେ ଝୁଡ଼ିରେ ରଙ୍ଗବେରଙ୍ଗର କାଚ ଧରି ପାଖ ଗାଁଗୁଡ଼ିକୁ ବିକିବାକୁ ବାହାରି ଯାଉଥିଲା। ଦିନେ ଅପରାହ୍ନରେ ହରି ଏକ ବିରାଟ ବରଗଛ ତଳେ ଥିବା କୂଅ ପାଖରେ ବିଶ୍ରାମ ନେବାକୁ ରହିଲା । ନିଜ ଖାଇବା ବାକ୍ସରୁ ବଳିପଡ଼ିଥିବା ଖାଦ୍ୟତକ ସେ ସେଠାରେ ବୁଲୁଥିବା କିଛି ଭୋକିଲା କୁକୁରଙ୍କୁ ଖାଇବାକୁ ଦେଇଦେଲା। ସେହି ବରଗଛ ଉପରେ ଗୋଟିଏ ଭୋକିଲା ଡାହାଣୀ ରହୁଥିଲା। ସେ ଯେତେବେଳେ ସେହି ରନ୍ଧା ଖାଦ୍ୟତକ ଚାଖିଲା, ତାକୁ କଞ୍ଚା ମାଂସ ଓ ରକ୍ତଠାରୁ ମଣିଷର ରନ୍ଧା ଖାଦ୍ୟ ଅନେକ ଗୁଣରେ ସ୍ୱାଦିଷ୍ଟ ଲାଗିଲା । ସେ ମନେ ମନେ ସ୍ଥିର କଲା ଯେ ଯେକୌଣସି ଉପାୟରେ ମଣିଷଙ୍କ ଗହଣରେ ହିଁ ରହିବ । ଡାହାଣୀଟି ତୁରନ୍ତ ନିଜର ମାୟାବୀ ଶକ୍ତି ବଳରେ ଅତି ସୁନ୍ଦରୀ ନାରୀର ରୂପ ଧାରଣ କଲା ଏବଂ ବରଗଛ ତଳେ ବସି କାନ୍ଦିବାକୁ ଲାଗିଲା। ହରି ଫେରିବା ବେଳେ ତା'ର କାନ୍ଦଣା ଶୁଣି ପାଖକୁ ଗଲା । ନାରୀଟି ନିଜକୁ ନିରାଶ୍ରୟା ବୋଲି କହିବାରୁ, ହରି ଦୟାପରବଶ ହୋଇ ତାକୁ ନିଜ ଘରକୁ ନେଇଆସିଲା ଏବଂ ଘର କାମରେ ସାହାଯ୍ୟ କରିବା ପାଇଁ ଆଶ୍ରୟ ଦେଲା। ସେହି ମାୟାବୀ ନାରୀଟି ନିଜର ନାଁ ଦୟାମା ବୋଲି କହିଲା। ଦୟାମା ଘରର ସବୁ କାମ ଖୁବ୍ ନିଷ୍ଠାର ସହ କଲା। ଗାଈଗୋରୁଙ୍କ ସେବା କରିବାଠାରୁ ଆରମ୍ଭ କରି ହରିର ସ୍ତ୍ରୀକୁ ରୋଷେଇରେ ସାହାଯ୍ୟ କରିବା-ସବୁଥିରେ ସେ ନିପୁଣ ଥିଲା। ତା'ର ପରିଶ୍ରମ ଓ ମିଠା ବ୍ୟବହାର ଦେଖି ଅଳ୍ପ ଦିନ ମଧ୍ୟରେ ସେ ପରିବାରର ଜଣେ ସଦସ୍ୟ ପାଲଟିଗଲା । ମାତ୍ର ଗୋଟିଏ ରାତିରେ ସବୁକିଛି ବଦଳିଗଲା। ହରି ଘରକୁ ଫେରିବାରେ ବିଳମ୍ବ ହେବାରୁ ତା' ସ୍ତ୍ରୀ ଦୟାମାକୁ କବାଟ ଖୋଲିବାକୁ ଡାକିଲା। ଦୟାମା ନିଜ ଶୋଇବା ସ୍ଥାନରୁ ନ ଉଠି, ନିଜ ହାତକୁ ଅସମ୍ଭବ ଭାବେ ଲମ୍ବେଇ ଦେଇ ଘରର ଅନ୍ୟ ପାଖରେ ଥିବା କବାଟ ଖୋଲିଦେଲା । ଏହି ଭୟଙ୍କର ଦୃଶ୍ୟ ଦେଖି ହରିର ସ୍ତ୍ରୀ ଛାତି ଥରିଗଲା। ପରଦିନ ସକାଳେ ସେ ହରିକୁ ସବୁ କଥା କହି ଦୟାମା ସାଧାରଣ ମଣିଷ ନୁହେଁ ବୋଲି ଚେତାବନୀ ଦେଲା। ସତ୍ୟତା ପରଖିବା ପାଇଁ ହରି ଦୟାମାକୁ ଘର ଚାରିପାଖରେ ୬ ଫୁଟ ଉଚ୍ଚର ଏକ ବିରାଟ ଇଟା ପ୍ରାଚୀର ତିଆରି କରିବାକୁ କହିଲା। ଦୟାମା ସଙ୍ଗେସଙ୍ଗେ ଏକାକୀ ସମ୍ପୂର୍ଣ୍ଣ ପ୍ରାଚୀର ଓ ଏକ ସୁନ୍ଦର ବଗିଚା ଠିଆ କରିଦେଲା । ଏହା ଦେଖି ଗ୍ରାମବାସୀମାନେ ମଧ୍ୟ ଭୟଭୀତ ହୋଇଗଲେ ଏବଂ ତାକୁ ଗାଁରୁ ବାହାର କରିବାକୁ ଦାବି କଲେ । ଭାଗ୍ୟବଶତଃ, ଦିନେ ହରିର ଛୋଟ ପୁଅ ଗୋଟିଏ ମୂଷାକୁ ଗାତ ଭିତରକୁ ପଶିଯିବାର ଦେଖି, ତାକୁ ଧରିବା ପାଇଁ ଦୟାମାକୁ କହିଲା। ଦୟାମା ଗର୍ବରେ ନିଜ ମାୟାବୀ ଶକ୍ତି ଦେଖାଇବାକୁ ଯାଇ ନିଜକୁ ଗୋଟିଏ ଛୋଟ ମୂଷାରେ ପରିଣତ କଲା ଏବଂ ଗାତ ଭିତରକୁ ପଶିଗଲା । ଏହି ସୁଯୋଗକୁ ହରି ହାତଛଡ଼ା କଲାନାହିଁ। ସେ ତୁରନ୍ତ ବହଳିଆ କାଦୁଅ ଓ ମାଟି ଆଣି ସେହି ଗାତର ମୁହଁକୁ ଭଲ ଭାବରେ ବନ୍ଦ କରି ଛାପିଦେଲା । ଶେଷରେ ମାୟାବୀ ଡାଆଣୀଟି ସେହି ଗାତ ଭିତରେ ସଦାସର୍ବଦା ପାଇଁ ଆବଦ୍ଧ ହୋଇ ରହିଗଲା ଏବଂ ହରିର ପରିବାର ପୁଣିଥରେ ଶାନ୍ତି ଓ ଖୁସିରେ ଜୀବନ ବିତାଇବାକୁ ଲାଗିଲେ। ଅଜଣା ବ୍ୟକ୍ତିଙ୍କ ପ୍ରତି ଦୟା ଦେଖାଇବା ଭଲ, ମାତ୍ର ସମ୍ପୂର୍ଣ୍ଣ ପରିଚୟ ନଜାଣି କାହାକୁ ନିଜ ଘରେ ଆଶ୍ରୟ ଦେବା କିମ୍ବା ଅନ୍ଧଭାବେ ବିଶ୍ୱାସ କରିବା ନିଜ ପରିବାର ପାଇଁ ବିପଦ ଆଣିପାରେ ।





**ପାଦରେ ଆଘାତ ଲାଗି ଛୋଟେଇ ଛୋଟେଇ ନ୍ୟୁୟର୍କରେ ପହଞ୍ଚିଥିଲେ। ତାଙ୍କୁ ଦେଖି ଲାଗୁଥିଲେ ଖେଳର ପ୍ରଥମ କିମ୍ବା ଅତି ବେଶୀରେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେବେ। ହେଲେ ଏସବୁକୁ ଭ୍ରୁକ୍ଷେପ ନକରି ଯେଉଁଭଳି ଭାବେ କାଜାଖସ୍ତାନର ଏଲେନା ରେବାକିନା ଖେଳ ପ୍ରଦର୍ଶନ କଲେ ତାହା ସମସ୍ତଙ୍କୁ ଚକିତ କରିଥିଲା। ଏହି ଧୈର୍ଯ୍ୟ ଓ ସାହସ ଲାଗି ସେ ୟୁଏସ୍ ଓପନ ଚାମ୍ପିୟାନ ହେବା ସହ ନୂଆ ଟେନିସ କୁଇନ ଭାବେ ଆଖ୍ୟାୟିତ ହୋଇଛନ୍ତି।**

# ନୂଆ ଟେନିସ କୁଇନ

କାଜାଖସ୍ତାନର ଏଲେନା ରେବାକିନା ୟୁଏସ୍ଓ ଓପନ ଫାଇନାଲରେ ଦୁଇ ଥର ପୂର୍ବତନ ଚାମ୍ପିଅନ୍ ବେଲାରୁସର ଆରିନା ସାବାଲେଙ୍କାକୁ ପରାସ୍ତ କରି ତାଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ସଫଳତାକୁ ଦୋହରାଇଛନ୍ତି। ଗତ ମାସରେ ସିନସିନାଟିରେ ଇଗା ସ୍ୱିଟେକଙ୍କ ବିପକ୍ଷରେ ତାଙ୍କ ପାଦର ଆଘାତ ଆହୁରି ତୀବ୍ର ହୋଇଥିଲା। ଏହି ଆଘାତ ବ୍ୟଥା ଚଳିତ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ଆରମ୍ଭ ହେବାର ପ୍ରାୟ ୧୦ ଦିନ ପୂର୍ବରୁ ମଧ୍ୟ ରହିଥିଲା। ଆଘାତ ସତ୍ତ୍ୱେ ଖେଳ ଜାରି ରଖିବା ତାଙ୍କ ସିଜନର ବାକି ସମୟ ପାଇଁ ଗମ୍ଭୀର ପରିଣାମ ଆଣିପାରିଥାନ୍ତା, କିନ୍ତୁ ରେବାକିନା, ଜାଣିଥିଲେ ଯେ ସେ ଶୀର୍ଷ ରାଙ୍କିଙ୍ଗର ନିକଟତର, ବର୍ଷର ଶେଷ ଗ୍ରାଣ୍ଡ ସ୍ଲାମରେ ଖେଳିବାକୁ ଚେଷ୍ଟା କରିବାକୁ ଚାହୁଁଥିଲେ। ସେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ କୋର୍ଟରେ ତାଲିମ ନେଇ ନଥିଲେ। ପ୍ରତିଦିନ ରାତ୍ରୀଭୋଜନ ପରେ ଜିମ୍‌ରେ ସମୟ ବିତାଇବା ଓ ପ୍ରିୟ ଜିନିଷଗୁଡ଼ିକୁ ନିଜଠାରୁ ଦୂରେଇ ରଖିବା ହିଁ ତାଙ୍କୁ ଏହି ସଫଳତା ଦେବାରେ ସହାୟକ ହୋଇଥିଲା। ରେବାକିନା କ୍ୱାର୍ଟରରେ ଅଲିମ୍ପିକ୍ ଚାମ୍ପିଅନ୍ ଝେଙ୍ଗଙ୍କୁ ପରାସ୍ତ କରିବା, ସେମିଫାଇନାଲ୍‌ରେ ତୃତୀୟ ମାନ୍ୟତାପ୍ରାପ୍ତ କୋକୋ ଗଫ୍ ଏବଂ ଫାଇନାଲ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ସାବାଲେଙ୍କାଙ୍କୁ ପରାସ୍ତ କରିବା ତାଙ୍କ ଶୀର୍ଷ ପ୍ରଦର୍ଶନ ଥିଲା।

ନ୍ୟୁୟର୍କରେ ସେମିଫାଇନାଲରେ ପହଞ୍ଚିବା ଦ୍ୱାରା ରେବାକିନାଙ୍କ ବିଶ୍ୱ ନମ୍ବର ୱାନ ହେବା ନିଶ୍ଚିତ ହୋଇଥିଲା। ତାଙ୍କର ଶେଷ ପ୍ରତିଦ୍ୱନ୍ଦ୍ୱୀ ସାବାଲେଙ୍କା ଥିଲେ। ତାଙ୍କୁ ହରାଇ ରେବାକିନା ତାଙ୍କ ତୃତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ସୁରକ୍ଷିତ କରିଥିଲେ। ଏହାପରେ ସେ ତିନୋଟି ପ୍ରମୁଖ ବିଜୟ ମଧ୍ୟରୁ ସବୁଠାରୁ ବଡ଼ ଉତ୍ସବ ପାଳନ କରିଥିଲେ। ଏହି ବିଜୟ ପରେ ରେବାକିନା ବିଶ୍ୱ ରାଙ୍କିଙ୍ଗରେ ଶୀର୍ଷ ସ୍ଥାନରେ ପହଞ୍ଚିବାରେ ୩୦ ତମ ମହିଳା ପାଲଟିଛନ୍ତି। ଇତିମଧ୍ୟରେ ରେବାକିନା ତିନୋଟି କ୍ୟାରିଅର ଗ୍ରାଣ୍ଡ ସ୍ଲାମ୍ ହାସଲ କରିସାରିଥିବା ବେଳେ କେବଳ ଫ୍ରେଞ୍ଚ ଓପନ୍ ବାକି ରହିଛି। ୨୦୨୨ରେ ୱିମ୍ବଲଡନ ଜିତିବା ପରେ ସେ ଜାନୁଆରୀରେ ଅଷ୍ଟ୍ରେଲିଆନ୍ ଓପନରେ ତାଙ୍କ ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତିଥିଲେ ଏବଂ ଏବେ ନ୍ୟୁୟର୍କରେ ତୃତୀୟ ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି।



# 'ଟ୍ରଫି ଚୋର'

**ନିକଟରେ ଭାରତୀୟ ମହିଳା କ୍ରିକେଟ ଦଳ ଏସିଆ କପ୍ ଜିତିଥିବା ବେଳେ ଟ୍ରଫି ଗ୍ରହଣ କରି ନ ଥିଲା। ଏହାର କାରଣ ଥିଲା ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ଥିଲେ ଏସୀୟ କ୍ରିକେଟ ପରିଷଦର ଅଧ୍ୟକ୍ଷ ତଥା ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭି। ତାଙ୍କ ହାତରୁ ହିଁ ଟ୍ରଫି ଗ୍ରହଣ କରିବାକୁ ଆଗ୍ରାହ୍ୟ କରିଥିଲା ଭାରତୀୟ ଦଳ। ଏହା ପୂର୍ବରୁ ୨୦୨୫ ପୁରୁଷ ଏସିଆ କପ୍ ବେଳେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ନକଭି ଦୁଇ ଥର ଯାକ ଟ୍ରଫି ସାଥୀରେ ନେଇଯାଇଥିବାରୁ ଭାରତୀୟ କ୍ରୀଡ଼ାପେମ୍ରୀମାନେ ତାଙ୍କୁ ଟ୍ରଫି ଚୋର ବୋଲି ଟ୍ରୋଲ କରିବାରେ ଲାଗିପଡ଼ିଛନ୍ତି।**



ରବିବାର ଦୁବାଇରେ ମହିଳା ଟି୨୦ ଏସିଆ କପ୍ ଫାଇନାଲରେ ବିଜୟୀ ହେବା ପରେ ଭାରତୀୟ ଦଳ ଏସୀୟ କ୍ରିକେଟ ପରିଷଦର ଅଧ୍ୟକ୍ଷ ଏବଂ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ମୋହସିନ ନକଭି ଏସୀୟ କ୍ରିକେଟ ପରିଷଦ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡର ମୁଖ୍ୟ ଭାବରେ ଉପସ୍ଥିତ ଥିଲେ। ମ୍ୟାଚରେ ଶ୍ରୀଲଙ୍କାକୁ ୭୨ ରନରେ ପରାସ୍ତ କରିବା ପରେ, ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌର ତାଙ୍କ ସାଥୀ ଖେଳାଳିମାନଙ୍କ ସହିତ ଉତ୍ସବ ପାଳନ କରୁଥିବାର ଦେଖାଯାଇଥିଲା। ତଥାପି, ଦଳକୁ ଅଷ୍ଟମ ଏସିଆ କପ୍ ବିଜୟ ପାଇଁ ନେତୃତ୍ୱ ନେଇଥିବା ହରମନପ୍ରୀତ ସେରିମନି ସମାରୋହ ସମୟରେ ଟ୍ରଫି ଗ୍ରହଣ କରିବାକୁ ଆସି ନଥିଲେ। ଅମ୍ପାୟାରମାନଙ୍କୁ ସ୍ମାରକୀ ଏବଂ ଉପବିଜେତା ଶ୍ରୀଲଙ୍କା ଖେଳାଳିମାନଙ୍କୁ ପଦକ ଏବଂ ପୁରସ୍କାର ରାଶି ଚେକ୍ ପ୍ରଦାନ କରିବା ପରେ ଟ୍ରଫି ସମାରୋହ ଶେଷ ହୋଇଥିଲା। ପାକିସ୍ତାନ ଏହି ଘଟଣାକୁ କ୍ରୀଡାପ୍ରେମ ସହିତ ଯୋଡ଼ିଛି ଏବଂ କହିଛି ଯଦି କ୍ରୀଡାପ୍ରେମ ନାହିଁ, ତେବେ ବିଜୟ କିମ୍ବା ପରାଜୟର କୌଣସି ଅର୍ଥ ନାହିଁ। ୨୦୨୫ ମସିହାରେ, ଭାରତୀୟ ପୁରୁଷ ଦଳ ପାକିସ୍ତାନକୁ ପରାସ୍ତ କରି ଏସିଆ କପ୍ ଜିତିବା ପରେ ମୋହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ଦୁବାଇରେ ମ୍ୟାଚ୍ ସ୍ଥାନୀୟ ସମୟ ରାତି ୯:୫୫ ରେ ଶେଷ ହୋଇଥିଲା, କିନ୍ତୁ ପ୍ରାୟ ୪୦ ମିନିଟ୍ ପାଇଁ ଉଦଯାପନୀ ସମାରୋହ ଅପେକ୍ଷା କରାଯାଇଥିଲା। ଏହା ପରେ, ପଡ଼ିଆରେ କିଛି ହଙ୍ଗାମା ହୋଇଥିଲା। ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସୀମା ଉତ୍ତେଜନା ପରଠାରୁ ଭାରତୀୟ କ୍ରିକେଟରମାନେ ପାକିସ୍ତାନୀ ଖେଳାଳି ଏବଂ ସେମାନଙ୍କ ପ୍ରତିନିଧିମାନଙ୍କ ସହିତ ହାତ ମିଳାଇବାରୁ ବଞ୍ଚିତ ହୋଇଛନ୍ତି। ଗତ ବର୍ଷ, ପୁରୁଷ ଦଳ ଏପରି କରିଥିଲା, ଏବଂ ଏହି ବର୍ଷ ମହିଳା ଦଳ ମଧ୍ୟ ଏହା ଅନୁସରଣ କରିଥିଲା।

ଭାରତୀୟ ମହିଳା ଦଳର ପ୍ରଶିକ୍ଷକ ଅମୋଲ ମୁଜୁମଦାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, "ଆମେ ବିସିସିଆଇ ଦ୍ୱାରା ନିଆଯାଇଥିବା ମତକୁ ସମର୍ଥନ କରୁଛୁ। ଆମ ପାଇଁ, ଏହି ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି ଏବଂ ଆମେ ଚାମ୍ପିଅନ। ଆମ ପାଇଁ ଏହା ଯଥେଷ୍ଟ। ବଡ଼ ବୋର୍ଡରେ ଏହା ମଧ୍ୟ ଲେଖାଯାଇଥିଲା ଯେ ଭାରତ ଏସିଆ କପ୍ ୨୦୨୬ର ଚାମ୍ପିଅନ। ଆମ ପାଇଁ, ଏହି ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଭାବରେ ଶେଷ ହୋଇଛି। ଆମେ ଚାମ୍ପିଅନ ହୋଇ ଖୁସି ଏବଂ ଏବେ ଏସୀୟ କ୍ରୀଡ଼ା ପାଇଁ ଅପେକ୍ଷା କରୁଛୁ।"

ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବିସିସିଆଇ ସଚିବ ଦେବଜିତ ସାଇକିଆ ନ୍ୟୁଜ୍ ଏଜେନ୍ସି ଆଇଏଏନଏସକୁ କହିଛନ୍ତି, "ଏସିଆ କପ୍ ଟ୍ରଫିକୁ ନେଇ ଏକ ବିବାଦ ରହିଛି। ଆମର ପୁରୁଷ ଦଳ ପ୍ରାୟ ଦେଢ଼ ବର୍ଷ ପୂର୍ବେ ଏସିଆ କପ୍ ଜିତିଥିଲା। କିନ୍ତୁ ଏପ୍ରିଲ ୨୦୨୫ରେ ପହଲଗାମ ଘଟଣା ପରେ ସମ୍ପୂର୍ଣ୍ଣ ପରିସ୍ଥିତି ବଦଳିଗଲା। ଏହା ପରେ ଦେଶର ଲୋକଙ୍କ ପକ୍ଷରୁ ଆମ ଉପରେ ଚାପ ପଡ଼ିଲା ଯେ ଆମେ ଆମର ପଡ଼ୋଶୀ ଦେଶ ସହିତ କୌଣସି ପ୍ରକାରର ସମ୍ପର୍କ ରଖିବା ଉଚିତ୍ ନୁହେଁ ଏବଂ ତା' ସହିତ କ୍ରିକେଟ୍ ମଧ୍ୟ ଖେଳିବା ଉଚିତ୍ ନୁହେଁ। କିନ୍ତୁ ଆମ ସରକାରଙ୍କ ନୀତି ହେଉଛି ଆମେ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦେଶ ବିପକ୍ଷରେ ଖେଳିବା ଉଚିତ୍। ମୋହସିନ ନକଭିଙ୍କ ସହ ତାଙ୍କର ସାକ୍ଷାତ ସମ୍ପର୍କରେ ସେ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି, "ଏପରି ନୁହେଁ ଯେ ଆମେ କାହାକୁ ଭେଟୁନା। ମୁଁ ଟସଠାରୁ ମ୍ୟାଚ୍ ଶେଷ ହେବା ପର୍ଯ୍ୟନ୍ତ ରୟାଲ୍ ବକ୍ସ ସିଟ୍ ବାହାରେ ବସିଥିଲି। ମୁଁ ପୂରା ମ୍ୟାଚ୍ ସମୟରେ ସେଠାରେ ରହିଲି। ମ୍ୟାଚ୍ ସମୟରେ ଯିଏ ମୋତେ ଭେଟିବାକୁ ଆସିଥିଲେ, ସେ ମୋତେ ଭେଟିଲେ। ତୁମେ ଯେଉଁ ବ୍ୟକ୍ତି (ମୋହସିନ ନକଭି) ବିଷୟରେ କହୁଛ, ସେ ମଧ୍ୟ ଆସି ଉପ-ସଭାପତି ଖାଲିଦ ସାହେବଙ୍କ ପାଖରେ ବସିଲେ। ଏହା ଏକ ସାଧାରଣ ପରମ୍ପରା- ଯେତେବେଳେ କେହି ଆସେ, ଆମେ ସମସ୍ତଙ୍କ ସହିତ ଭେଟୁ ଏବଂ କଥାବାର୍ତ୍ତା କରୁ।"

ପାକିସ୍ତାନର ନ୍ୟୁଜ୍ ୱେବସାଇଟ୍, ଦି ଡନରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ ପାକିସ୍ତାନର ଗୃହ ରାଷ୍ଟ୍ରମନ୍ତ୍ରୀ ତଲାଲ୍ ଚୌଧୁରୀ କହିଛନ୍ତି ଟ୍ରଫି ଗ୍ରହଣ କରିବାକୁ ମନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଭାରତର କୂଟନୈତିକ ଏବଂ ସାମରିକ ପରାଜୟକୁ ଲିଭାଇପାରିବ ନାହିଁ ବରଂ ଏହା କ୍ରୀଡା ସଂସ୍କୃତିକୁ ନଷ୍ଟ କରୁଛି। ସେ ଆହୁରି କହିଛନ୍ତି, କ୍ରୀଡା ମନୋଭାବ ଗୁରୁତ୍ୱପୂର୍ଣ୍ଣ। ଯଦି କ୍ରୀଡ଼ା ମନୋଭାବ ନାହିଁ, ତେବେ ଜିତିବା କିମ୍ବା ହାରିବା କିଛି ଅର୍ଥ ରଖେ ନାହିଁ। ଭାରତ ସମଗ୍ର ଦେଶରେ ଅତିଜାତୀୟତାବାଦ ସୃଷ୍ଟି କରିଛି। ଆମର କ୍ରୀଡ଼ା ସଂସ୍କୃତି ଶାନ୍ତି ଏବଂ ପ୍ରେମର ପ୍ରତୀକ ହୋଇଆସିଛି ଏବଂ ଅନେକ ଯୁଦ୍ଧ ସମାପ୍ତ କରିବାରେ ଭୂମିକା ଗ୍ରହଣ କରିଛି, କିନ୍ତୁ ଏବେ ଏହା ଦୁର୍ବଳ ହେଉଛି। ପାକିସ୍ତାନ କ୍ରୀଡ଼ାକୁ ରାଜନୀତିକରଣ କରିନାହିଁ କିମ୍ବା ଦୁଇ ଦେଶ ମଧ୍ୟରେ ସଂଘର୍ଷର ଲକ୍ଷ୍ୟ କରିନାହିଁ। ଆକେ ପ୍ରତ୍ୟେକ ବିବାଦୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ।










**ସବୁବେଳେ ଭିନ୍ନଭିନ୍ନ ଚରିତ୍ରରେ ଅଭିନୟକୁ ଏକ୍ସପେରିମେଣ୍ଟ କରୁଥିବା ଅଭିନେତ୍ରୀ ହେଲେ ଆରୁଷି ବଜାଜ । ଯିଏ ଖୁବ କମ୍ ସମୟରେ ବି-ଟାଉନରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସମର୍ଥ ହୋଇପାରିଛନ୍ତି । ଖୁବଶୀଘ୍ର ତାଙ୍କୁ ଏକ ନୂଆ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ ।**

# ଭାଇରାଲ ଆରୁଷି

ଖୁବଶୀଘ୍ର ପରଦାକୁ ଆସିବାକୁ ଯାଉଛି ଫିଲ୍ମ ଡୋଣ୍ଟ ବି ଶାଏ । ତେବେ ଏଥିରେ ଦର୍ଶକ ଜଣେ ନୂଆ ଅଭିନେତ୍ରୀଙ୍କୁ ଦେଖଇବାକୁ ପାଇବେ । ଅଭିନେତ୍ରୀଙ୍କ ନାଁ ଆରୁଷି ବଜାଜ, ଯିଏ ନବାଗତ ହେଲେ ମଧ୍ୟ ଖୁବ ଚର୍ଚ୍ଚାରେ ରହିଛନ୍ତି । ପୁନେରେ ଜନ୍ମିତ ଅଭିନେତ୍ରୀ ଆରୁଷି ବାଜାଜ୍ ନିଜର ୧୨ ବର୍ଷର ସ୍କୁଲ୍ ଶିକ୍ଷା ସମୟରୁ ହିଁ ନାଟକ, ଥିଏଟର ଓ ସାହିତ୍ୟ ପ୍ରତି ଗଭୀର ରୁଚି ରଖିଥିଲେ । ଅନେକଥର ବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ଅଭିନୟ ପୁରସ୍କାର, ମଞ୍ଚ ନାଟକର ନେତୃତ୍ୱ ଏବଂ ଆନ୍ତଃସହର ତର୍କ ପ୍ରତିଯୋଗିତାରେ ବିଜୟୀ ହୋଇ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ସ୍କୁଲ୍ ପଢ଼ା ସରିବା ପରେ ଆଇବି ଡିପ୍ଲୋମା ଶେଷ କରି ସେ ମୁମ୍ବାଇର ପ୍ରସିଦ୍ଧ ଏନଏମଆଇଏମ୍ଏସରୁ ଲିବରାଲ ଆର୍ଟସରେ ସ୍ନାତକ ସାଙ୍ଗକୁ ଥିଏଟର ଓ ଫିଲ୍ମ ନିର୍ମାଣ ସମ୍ପର୍କରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ । ଅଭିନୟ କ୍ଷେତ୍ରରେ ନିଜକୁ ଅଧିକ ପରିପକ୍ୱ କରିବା ପାଇଁ ସେ କେବଳ ପାଠପଢ଼ାରେ ସୀମିତ ନରହି, ପଣ୍ଡିଚେରୀର ଆଦିଶକ୍ତି ଥିଏଟର ସ୍କୁଲ୍, ମୁମ୍ବାଇର ଜିଓଏ ଏକ୍ସ ଲି ଷ୍ଟ୍ରାସବର୍ଗ ମେଥଡ୍ ଆକ୍ଟିଂ ଏବଂ 'ଦି ଆର୍ଟିଷ୍ଟ କଲେକ୍ଟିଭ୍' ଭଳି ବହୁ ପ୍ରତିଷ୍ଠିତ ଅନୁଷ୍ଠାନରୁ ଅଭିନୟର ସୂକ୍ଷ୍ମ ଗୁଣଗୁଡ଼ିକ ସିଖିବା ସହ କଠିନ ସଂଘର୍ଷର ପଥ ଅତିକ୍ରମ କରିଥିଲେ । କ୍ୟାରିୟରର ଆରମ୍ଭ ସେ ବିଜ୍ଞାପନରୁ କରିଥିଲେ । ପ୍ରଥମେ କ୍ଲୋଜ୍ ଅପ୍, ଗୁଗୁଲ୍, ଡେଲ୍ ଏବଂ ମେଟାଭର୍ସ ଭଳି ଅନ୍ତର୍ଜାତୀୟ ବ୍ରାଣ୍ଡର ବିଜ୍ଞାପନରେ କାମ କରି ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ । ୨୦୨୩ ମସିହାରେ ରାମ ମାଧବାନୀଙ୍କ ନିର୍ଦ୍ଦେଶିତ ପ୍ରସିଦ୍ଧ ୱେବ୍ ସିରିଜ୍ 'ଆର୍ଯ୍ୟା' (ସୀଜନ୍ ୩) ରେ ସୁସ୍ମିତା ସେନ୍ଙ୍କ ଚରିତ୍ରର ଝିଅ 'ଅରୁନ୍ଧତୀ ସାରିନ୍' ଭୂମିକାରେ ଅଭିନୟ କରି ବଲିଉଡ୍‌ରେ ଡେବ୍ୟୁ କରିବା ସହ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ । ଏହି କ୍ରମାଗତ ସଫଳତା ପରେ, ସେ ହନି ତ୍ରେହାନଙ୍କ ନିର୍ଦ୍ଦେଶିତ ନେଟଫ୍ଲିକ୍ସ ନିର୍ମିତ ସିନେମା 'ରାତ୍ ଅକେଲି ହୈ: ଦି ବଂଶଲ୍ ମର୍ଡର୍ସ' (୨୦୨୫) ରେ 'ଆସ୍ଥା ବଂଶଲ୍' ଚରିତ୍ରରେ ନିଜର ଦମଦାର ଅଭିନୟ ପ୍ରଦର୍ଶନ କରିଥିଲେ । ଏହାସହ ତାଙ୍କର ଏକ ପ୍ରମୁଖ ଆଗାମୀ ପ୍ରୋଜେକ୍ଟ ହେଉଛି ଆଲିଆ ଭଟ୍ଟଙ୍କ ପ୍ରୋଡକ୍ସନ୍ ବ୍ୟାନର 'ଇଟରନାଲ ସନସାଇନ୍' ପ୍ରଯୋଜିତ ଏବଂ ପ୍ରାଇମ୍ ଭିଡିଓରେ ମୁକ୍ତିଲାଭ କରିବାକୁ ଥିବା ଫିଲ୍ମ 'ଡୋଣ୍ଟ ବି ଶାଏ' ଯେଉଁଥିରେ ସେ ମୁଖ୍ୟ ଚରିତ୍ର 'ଶ୍ୟାମିଲୀ ଦାସ ' ଭୂମିକାରେ ଏକ ଭିନ୍ନ ସ୍ୱାଦର କାହାଣୀ ସହ ପରଦାକୁ ଆସୁଛନ୍ତି ।